## ସଂକ୍ଷେପରେ

### ଅଳିଆ ଫିଙ୍ଗି ଜରିମାନା ଗଣିଲା ଦର୍ଶିନୀ ନ୍ୟୁଟ୍ରିମେଣ୍ଟ୍ସ

ଭୁବନେଶ୍ୱର,୨୨।୩(ବ୍ୟୁରୋ): ପରିମଳ ବ୍ୟବସ୍ଥାରେ ସାମାନ୍ୟ ଖିଲାପ ଦେଖିଲେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବୁଧବାର ମସଲା କମ୍ପାନୀ ଦର୍ଶିନୀ ନ୍ୟୁଟ୍ରିମେଣ୍ଟ୍ସଠାରୁ ୫୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୱାର୍ଡ ନଂ.୬ ଅନ୍ତର୍ଗତ ଚନ୍ଦକା ଶିଳ୍ପାଞ୍ଚଳର ଏହି କମ୍ପାନୀରୁ ବାହାରୁଥିବା ଆବର୍ଜନାକୁ ସର୍ବସାଧାରଣ ସ୍ଥାନରେ ପକାଯାଉଥିବାରୁ ବିଏମ୍‌ସି ଏପରି ପଦକ୍ଷେପ ନେଇଛି। ଏକ୍ସପାଏରଡ୍ ମସଲା ଓ ପ୍ୟାକେଜିଂ ଜନିତ ଆବର୍ଜନାକୁ ଟ୍ରାକ୍ଟରରେ ଏଣେତେଣେ ପକାଯାଉଥିବା ସୂଚନା ପାଇ ସାନିଟେଶନ୍ ଏକ୍ସପର୍ଟ ବିଏମସିକୁ ଅବଗତ କରାଇଥିଲେ। କମ୍ପାନୀର ଜେନେରାଲ ମ୍ୟାନେଜର ପ୍ରଥମେ ଏନେଇ କିଛି ଜାଣି ନ ଥିବା କହିଥିଲେ। ପରବର୍ତ୍ତୀ ସମୟରେ ଭୁଲ୍ ସ୍ୱୀକାର କରିବା ସହ ବିଏମ୍‌ସିକୁ ଜରିମାନା ଦେଇଛନ୍ତି। ଅନ୍ୟପକ୍ଷରେ ବିଏମସି ପକ୍ଷରୁ ବାରମ୍ବାର ପ୍ରଚାର ପ୍ରସାର ସତ୍ତ୍ୱେ କାନ୍ଥ, ଗଛ, ଇଲେକ୍ଟ୍ରିକ୍ ଖୁଣ୍ଟରେ କେତେଜଣ ଅମାନିଆ ବିଜ୍ଞାପନ ଲଗାଉଛନ୍ତି। ବୁଧବାର ଏପରି କିଛି ବ୍ୟକ୍ତି ଓ ଅନୁଷ୍ଠାନ ନାମରେ ବିଏମସି ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅନ୍ୟ ଜଣଙ୍କୁ ତାଗିଦା ସହ ଜରିମାନା ଆଦାୟ କରାଯାଇଛି।

# ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୨।୩ (ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଟୁଲୁ ପାତ୍ର (୪୩)। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ଛକାପଞ୍ଝା ପରେ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଯୁବକ ଜଣକ ଜଣେ ଡ୍ରାଇଭର ହୋଇଥିବାବେଳେ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ପରିବାର ଲୋକ ଓ ସହଯୋଗୀମାନେ ତାଙ୍କୁ ମାନୁ ନ ଥିବାରୁ ସେ ଆତ୍ମହତ୍ୟା କରିବାକୁ ପ୍ରୟାସ କରୁଥିଲେ ବୋଲି ଟୁଲୁ କହିଛନ୍ତି। ତାଙ୍କୁ ଥାନାରେ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଯଦି ପରିବାର ଲୋକ ନ ଆସନ୍ତି, ତେବେ ଟୁଲୁଙ୍କୁ ଏକ ଡିଷ୍ଟ୍ରେସ୍ ସେଣ୍ଟରରେ ଛାଡ଼ିଦେବୁ ବୋଲି ଥାନାଧିକାରୀ କହିଛନ୍ତି।

### ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଟୁଲୁ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ିଯାଇଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଏକ ଦୌଡ଼ିରେ ବାନ୍ଧି ତଳକୁ ଓହ୍ଲାଇଥିଲେ।

ଉଲ୍ଲେଖଯୋଗ୍ୟ, ୩ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ୍ୟ ସମାନ ଘଟଣା ଘଟିଥିଲା। ନବୀନ ପଟ୍ଟନାୟକଙ୍କୁ ୯ବର୍ଷ ତଳର ପ୍ରତିଶ୍ରୁତିକୁ ମନେପକାଇ ଦେବାକୁ ରାଉରକେଲାରୁ ଚାଲି ଚାଲି ଆସି ଭୁବନେଶ୍ୱରରେ ପହଞ୍ଚିଥିବା ମୁକ୍ତିକାନ୍ତ ମଣ୍ଡଳଙ୍କୁ ନବୀନ ନିବାସ ଛଡ଼ା ନ ଯିବାରୁ ସେ ଡିସେମ୍ବର ୨୧ରେ ଉକ୍ତ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଗ୍ନିଶମ ଟିମ୍ ତାଙ୍କୁ ବହୁତ କଷ୍ଟରେ ଉଦ୍ଧାର କରିଥିଲା।



ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରୁଛନ୍ତି।

# ବିଡିଏ ଅଧୀନ ପାର୍କରେ ମିଳିବ ମିଲେଟ୍ ଉତ୍ପାଦ

ଭୁବନେଶ୍ୱର,୨୨।୩ (ବ୍ୟୁରୋ)

ରାଜଧାନୀବାସୀଙ୍କ ଜୀବନଯାପନ ଶୈଳୀକୁ ସରଳ ଓ ଉନ୍ନତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ପାର୍କ ନିର୍ମାଣ ଓ ପୁନରୁଦ୍ଧାର କରାଯାଉଛି। ସହରରେ ବିଡିଏ ଅଧୀନରେ ୭୦ଟି ପାର୍କ ରହିଛି। ଏଥିମଧ୍ୟରୁ କେତେକ ପାର୍କ ପାଇଁ ନୂଆ ଯୋଜନା ହାତକୁ ନିଆଯାଇଛି। ଏବେ ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ଅଧୀନରେ ଏହି ପାର୍କଗୁଡ଼ିକରେ ମିଲେଟ୍ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥ ଉପଲବ୍ଧ ହେବ। ପ୍ରାଥମିକ ପର୍ଯ୍ୟାୟରେ ୪୦ ପାର୍କରେ ଏହି ମିଲେଟ୍ ଉତ୍ପାଦ ମିଳିବ। ଏନେଇ ବିଡିଏର ମୁଖ୍ୟ ଉଦ୍ୟାନବିତ୍ ଅଶୋକାନନ୍ଦ ଧର ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି।

ପ୍ରତିଦିନ ପାର୍କକୁ ଆସୁଥିବା ସହରବାସୀଙ୍କ ପାଇଁ ଏହି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରଦାର୍ଥ ଆଦୃତ ହେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ମିଶନ ଶକ୍ତି ମହିଳାମାନେ ପାର୍କରେ ଛୋଟ ଛୋଟ ଷ୍ଟଲ କରି ବ୍ୟବସାୟ କରିପାରିବେ। ମିଲେଟରେ ପ୍ରସ୍ତୁତ ମୋମୋ, ବରା, ପିଠା, ସେଉ, ଗାଣ୍ଠିଆ, ମିକ୍ସଚର, ବିସ୍କୁଟ୍, କେକ୍, ମୁଡକି ଭଳି ସ୍ୱାଦିଷ୍ଟ ଖାଦ୍ୟ ଏଠାରେ ମିଳିବ। ସୁଲଭ ମୂଲ୍ୟରେ ଗ୍ରାହକଙ୍କ ଚାହିଦା ଅନୁସାରେ ବିଭିନ୍ନ ଉତ୍ପାଦ ବିକ୍ରୟ ହେବ। ମିଲେଟ୍ ଉତ୍ପାଦ ବିକ୍ରୟ ଦ୍ୱାରା ଉଭୟ ନାଗରିକ, ବ୍ୟବସାୟୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ବିଡିଏ ଅଧୀନରେ ଥିବା ୭୦ଟି ପାର୍କ ମଧ୍ୟରୁ ୪୦ଟିରେ ମୁକ୍ତାକାଶ ବ୍ୟାୟାମଶାଳା ଓ ଅନ୍ୟ ୪ଟିରେ ମଲ୍ଟି ଜିମ୍ ବ୍ୟବସ୍ଥା ରହିଛି। ପାର୍କରେ ଯୋଗାସନ ବ୍ୟାୟାମ, ଖେଳାବୁଲା ପାଇଁ ବିଶେଷ ସୁବିଧା ରହିଛି। ବିଡିଏର ଏହି ପାର୍କଗୁଡ଼ିକ ନିଃଶୁଳ୍କ ରହିଥିବାରୁ ଲୋକେ ବ୍ୟୟବହୁଳ ଜିମ୍ ଯିବା ପରିବର୍ତ୍ତେ ପାର୍କ ଆସିବାକୁ ପସନ୍ଦ କରୁଛନ୍ତି। ଛୁଟି ଦିନଗୁଡ଼ିକରେ ଅଧିକ ସଂଖ୍ୟାରେ ଲୋକ ଏଠାକୁ ଆସନ୍ତି। ପିଲାମାନେ ଦୋଳି ଖେଳର ମଜା ନିଅନ୍ତି। ପାର୍କଗୁଡ଼ିକୁ ସଫାସୁତୁରା ରଖିବା ସହ ସର୍ବସାଧାରଣ ସମ୍ପତ୍ତିକୁ କ୍ଷତି ନ ପହଞ୍ଚାଇବା ପାଇଁ ବିଡିଏ ପକ୍ଷରୁ ଅପିଲ କରାଯାଇଛି।

### ଜଳର ଠିକ୍ ଉପଯୋଗ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୨।୩(ବ୍ୟୁରୋ): ସ୍ୱେଚ୍ଛାସେବୀ ସଂଗଠନ 'ସୁରକ୍ଷା' ପକ୍ଷରୁ କ୍ୟାପିଟାଲ ଶୋଭନୀୟ ଶିକ୍ଷାଶ୍ରମ ମିଳିତ ସହଯୋଗରେ ବୁଧବାର ଆଶ୍ରମ ପରିସରରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସ୍ତମ୍ଭକାର ତଥା 'ସୁରକ୍ଷା'ର ଉପଦେଷ୍ଟା ସୁଧାଂଶୁ ମହାପାତ୍ର ଯୋଗଦେଇ କହିଲେ, ଜଳ ହିଁ ଜୀବନ। ଆମେ ସମସ୍ତେ ଏହାର ସଠିକ ଉପଯୋଗକୁ ଗୁରୁତ୍ୱଦେବା ଆବଶ୍ୟକ। ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନ ଆଚାର୍ଯ୍ୟା ମମତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସୁରକ୍ଷା'ର ନିର୍ଦ୍ଦେଶିକା ମିଲି ରଣା ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ କେଶବ ରଣା, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଦାଶ, 'ସୁରକ୍ଷା' କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଲୁମ୍ବିନି ବିହାର ପୋଖରୀ ସୁରକ୍ଷା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ବୁଦ୍ଧପାର୍କ ଛକଠାରୁ ବାହାରି ନୀଳାଦ୍ରିବିହାର ଓ ଲୁମ୍ବିନି ବିହାର ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମଠାରେ ପହଞ୍ଚିଥିଲା। ଏହି ଅବସରରେ ପିଲାଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

# ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର 'ରେନ୍‌ବୋ' ଆରମ୍ଭ




ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର 'ରେନ୍‌ବୋ' ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସ୍କାଉଟ୍ସ ଏବଂ ଗାଇଡ୍ସର ଛାତ୍ରୀଛାତ୍ର।

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ସ୍କାଉଟ୍ସ ଓ ଗାଇଡ୍ସ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ଗଠନ ସହ ସୁନାଗରିକ ହେବା ପାଇଁ ବ୍ୟାପକ ଶିକ୍ଷାପ୍ରାପ୍ତ ହୋଇପାରିବ। ଏହା ଛାତ୍ର ଅବସ୍ଥାରେ ଶୃଙ୍ଖଳାର ଭୂମିକା ଶିଖାଇଥାଏ ବୋଲି ବୁଧବାର ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର 'ରେନ୍‌ବୋ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ସମବାୟ ମନ୍ତ୍ରୀ ତଥା ସଂସ୍ଥାର ସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ରାଜ୍ୟ ମୁଖ୍ୟ କମିଶନର ଡ. କାଳି ପ୍ରସାଦ ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଅନ୍ୟ ଅତିଥିଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ। ଏହି ଶିବିରରେ ୨୮ଜିଲାରୁ ପ୍ରାୟ ୮୦୦ଜଣ ସ୍କାଉଟ୍ସ ଓ ଗାଇଡ୍ସ, ୭୦ଜଣ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପଟେନ ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୬ତାରିଖ ଯାଏ ଏହା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଚାଲିବ।

### ବାଲିଅନ୍ତା ବଜାରରୁ ବାଇକ୍ ଚୋରି

ବାଲିଅନ୍ତା,୨୨।୩(ଡି.ଏନ୍.ଏ.)

ସ୍ଥାନୀୟ ବାଲିଅନ୍ତା ବଜାର ଡେଲ୍‌ଟା ଛକ ନିକଟ ରାସ୍ତାରେ ପାର୍କିଂ ସ୍ଥାନରୁ ବୁଧବାର ଅପରାହ୍ନ ସାଢେ ୫ଟା ସମୟରେ ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱରରେ ରହୁଥିବା ବେଣ୍ଣପୁର ଗ୍ରାମର କାଳୀଚରଣ ବେହେରା(୬୦) ତାଙ୍କ ବାଇକ୍ (ଓଡି ୩୩ କେ ୮୯୪୫)କୁ ରାସ୍ତା ପାର୍ଶ୍ୱ ପାର୍କିଂରେ ରଖି ବାଲିଅନ୍ତା ହାଟକୁ ଯାଇଥିଲେ। ହାଟ ଭିତରୁ ୧୫ ମିନିଟ୍ ଭିତରେ ଫେରିବା ବେଳକୁ ପାର୍କିଂରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ହ୍ୟାଣ୍ଡେଲ ଲକ୍ ଖୋଲି ବାଇକ୍ ନେଇଥିବା ଜଣାପଡିଛି।

### ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଅନ୍ତା,୨୨।୩ (ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସମବାୟ ସମିତିର ୫୯ତମ ବାର୍ଷିକ ସାଧାରଣ ସଭା ବୁଧବାର ସ୍ଥାନୀୟ ପ୍ରାଚୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ବିପିନ୍ ପାତ୍ର, ବେଣ୍ଟପୁର ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ଝରଣା ସ୍ୱାଇଁ, ଭିଙ୍ଗାରପୁର ପଞ୍ଚାୟତ ସମିତି ସଭ୍ୟ ଗଗନ ବିହାରୀ ସାହୁ, ମାର୍କଫେଡ୍‌ର ଡାଇରେକ୍ଟର ମମତା ସାହୁ, ସମିତି ସଭାପତି ରବୀନ୍ଦ୍ର ଜେନା, ପୂର୍ବତନ ସଭାପତି ବିଚିତ୍ରାନନ୍ଦ ଦାସ ଓ ବଟକୃଷ୍ଣ ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସମିତି ସମ୍ପାଦକ ଜଗମୋହନ ଦାଶ ବାର୍ଷିକ ବିବରଣୀ ପାଠ କରିବା ସହିତ ଋଣ ଲଗାଣ ଓ ଆଦାୟ ଉପରେ ଗୁରୁତ୍ୱ ଦେଇଥିଲେ। ସଭାକୁ ଡାଇରେକ୍ଟର ମନୋଜ ନାୟକ ପରିଚାଳନା କରିଥିବାବେଳେ ସହ ସମ୍ପାଦକ କିଶୋର ଭୋଇ ସହଯୋଗ କରିଥିଲେ।

# ଆରାଧନା ନୃତ୍ୟ ଉତ୍ସବ



ଆରାଧନା ନୃତ୍ୟୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୨।୩ (ବ୍ୟୁରୋ)

ଆରାଧନା ନୃତ୍ୟ ମନ୍ଦିର ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଆରାଧନା ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଓ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ସମେତ ଅନୁଷ୍ଠାନର ସଭାପତି ଡମ୍ବରୁଧର ପାତ୍ର, ଉପସଭାପତି ଅକ୍ଷୟ କୁମାର ପରିଡ଼ା ଓ ସମ୍ପାଦକ ଗୁରୁ ରଞ୍ଜନ କୁମାର ନାଥ ଶର୍ମା ଯୋଗଦେଇଥିଲେ। ଏହି ଅବସରରେ ପାଲା ଗାୟକ ଅମରେନ୍ଦ୍ର ପଟ୍ଟନାୟକ ଓ ଅଭିନେତା ଦୀପଙ୍କର ପଟ୍ଟନାୟକଙ୍କୁ 'ପ୍ରତିଭା ସମ୍ମାନ' ଏବଂ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ ନୃତ୍ୟ ଗୁରୁ ଭରତ ଚନ୍ଦ୍ର ଗିରି, ଓଡିଶୀ ଶାସ୍ତ୍ରୀୟ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଓ ତବଲା ବାଦକ ଗୁରୁ କରୁଣାକର ଦାଶଙ୍କୁ 'ତ୍ରିବିଦ୍ୟା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡିଶୀ ନୃତ୍ୟ ସହ ଲୋକନୃତ୍ୟ ଏବଂ ଚିତ୍ରାଙ୍କନ କରାଯାଇଥିଲା। ପ୍ରାରମ୍ଭରେ ଉତ୍କଳିନୀ ଦାସ ଓ ଆଶା ବାରିକ ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଡ. ଧୀରଜ କୁମାର ମହାପାତ୍ର। ପରେ ମଧୁଛନ୍ଦା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଆରାଧନା ନୃତ୍ୟ ମନ୍ଦିରର ଛାତ୍ରୀଛାତ୍ର ଚିତ୍ରକଳା ପରିବେଷଣ କରିଥିଲେ। ପରେ ତାଳଚେରର ଭବାନୀ କଲ୍‌ଚରାଲ ଗ୍ରୁପ, କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ଓ ଆରାଧନା ନୃତ୍ୟ ମନ୍ଦିର ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା।

### ସମ୍ମାନିତ ହେଲେ ୬ ପ୍ରତିଭା

# ଡ. ସରୋଜିନୀ ଷଡ଼ଙ୍ଗୀଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତି ସମ୍ମାନ'

### ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରୀତି ସାହିତ୍ୟ ସାମ୍ରାଜ୍ୟର ସମ୍ରାଟ କବି ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ଓ ଦୃଷ୍ଟିରେ ପୂରି ରହିଛି ବିଭୁଚେତନାର ଚିନ୍ମୟ ଚିତ୍ର। ରାମତାରକା ମନ୍ତ୍ର ସିଦ୍ଧ ଉପେନ୍ଦ୍ର ମହାପ୍ରଭୁ ରଘୁନାଥ ଓ ଶ୍ରୀଜଗନ୍ନାଥଙ୍କ ଏକାତ୍ମତାକୁ ବ୍ୟକ୍ତ କରି ସୃଷ୍ଟି କରିଛନ୍ତି ରାଶି ରାଶି କାବ୍ୟ, ଯାହାକି ଚିରନ୍ତନ ପାଠକୀୟ-ଅନ୍ତରାତ୍ମାକୁ ନିର୍ମଳ-ଆନନ୍ଦରେ ବିଭୋର କରିଥାଏ। ବୁଧବାର ଭଞ୍ଜଭାରତୀ ପକ୍ଷରୁ ସୂଚନା ଭବନଠାରେ ତ୍ରିଦିବସୀୟ ଓଡିଆ ସାହିତ୍ୟ ସମାରୋହକୁ ଉଦ୍‌ଘାଟନ କରି ଅତିଥିମାନେ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ କହିଲେ, କବି ଉପେନ୍ଦ୍ର ହେଉଛନ୍ତି ବିଶ୍ୱର ଏକ ବିସ୍ମୟ। ତାଙ୍କ ସାହିତ୍ୟକୁ ବିଶ୍ୱାଭିମୁଖୀ କରିବାର ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯିବା ଉଚିତ। ବରେଣ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସାଇଁ ସାଂସ୍କୃତିକ ଜାଗରଣରେ ଭଞ୍ଜୀୟ ରଚନାବଳୀର ଗୁରୁତ୍ୱକୁ ବ୍ୟକ୍ତ କରିଥିଲେ।

ଭଞ୍ଜଭାରତୀର ସମ୍ପାଦକ ଡ. କୃଷ୍ଣକେଶବ ଷଡଙ୍ଗୀ କବିସମ୍ରାଟ ଭଞ୍ଜଙ୍କ କାବ୍ୟାବଳୀରେ ଥିବା ମାନବୀୟ ଆବେଗ ଓ ଶୃଙ୍ଖଳାର ବାର୍ତ୍ତାକୁ ଉଦାହରଣ ମାଧ୍ୟମରେ ପ୍ରକାଶ କରି ତାଙ୍କ ସୃଷ୍ଟି ସମୂହରେ ଥିବା ବିଭୁଚେତନାର ବିଶ୍ଳେଷଣ କରିଥିଲେ। ଏହି ଅବସରରେ ବିଶିଷ୍ଟ କବୟିତ୍ରୀ ଡ. ସରୋଜିନୀ ଷଡଙ୍ଗୀଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ' ପ୍ରଦାନ କରାଯାଇଥିଲା। ଦୀପ୍ତିମୟୀ ଦାସ ସ୍ତୁତିପାଠ ଓ ଅନୁଷ୍ଠାନର ସଦସ୍ୟ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନନ୍ଦକିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଭଞ୍ଜସଙ୍ଗୀତ ପରିବେଷିତ ହୋଇଥିଲା।




ଓଡ଼ିଆ ସାହିତ୍ୟ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ଇଡ୍‌କୋ କଣ୍ଟ୍ରାକ୍ଟର୍ସ ଆସୋସିଏଶନ୍‌ର ବିକ୍ଷୋଭ



ବିଭିନ୍ନ ଦାବି ନେଇ ଇଡ୍‌କୋ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ପକ୍ଷରୁ ଇଡ୍‌କୋ ଅଫିସ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର,୨୨।୩ (ବ୍ୟୁରୋ)

ଇଡ୍‌କୋ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ପକ୍ଷରୁ ଇଡ୍‌କୋ ଅଫିସ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମାର୍ଚ୍ଚ ଶେଷ ହେବାକୁ ଥିବାବେଳେ ବକେୟା ବିଲ୍ ମିଳିନଥିବାରୁ କଣ୍ଟ୍ରାକ୍ଟରମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିଲେ। ପରେ ଇଡ୍‌କୋ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଶୀଘ୍ର ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ବିକ୍ଷୋଭରୁ ଓହରିଥିଲେ। ଆସୋସିଏଶନର ହୃଦୟ ସାମନ୍ତରାୟ କହିଛନ୍ତି, କାଗଜପତ୍ର କାମ ମନ୍ଥର ଗତିରେ ହେଉଥିବାରୁ ଠିକ ସମୟରେ ଆମକୁ ଟଙ୍କା ମିଳୁନି। ଟେଣ୍ଡରରେ ଅନିୟମିତତା କରାଯାଉଛି। ଅଧିକାରୀମାନେ ମନଇଚ୍ଛା ଟେଣ୍ଡର ଡାକୁଛନ୍ତି, ଯେଉଁଥିପାଇଁ ଛୋଟ ଛୋଟ କଣ୍ଟ୍ରାକ୍ଟରମାନେ ହଇରାଣ ହେଉଛନ୍ତି। ସେହିପରି ଟେଣ୍ଡର ପରେ କାମ ବଦଳି ଯାଉଛି। ଅନେକ ସମୟରେ ଆମେ ଫାଇନ ଦେଉଛୁ। ଏହି ବିକ୍ଷୋଭରେ ସନ୍ତୋଷ କୁମାର ସ୍ୱାଇଁ, ଲଲାଟ କିଶୋର ଜେନାଙ୍କ ସହ ୨୦ରୁ ଅଧିକ କଣ୍ଟ୍ରାକ୍ଟର ସାମିଲ ଥିଲେ।

### 'ଜଲଦି କାଗଜ କାମ ସାରି ବକେୟା ବିଲ୍ ଦିଅ'

# ସମ୍ମାନିତ ହେଲେ ୩୧ ଆମ୍ବୁଲାନ୍ସ କର୍ମଚାରୀ

### ଜିକିତ୍ସା ଓଡ଼ିଶା ସ୍କଲାରଶିପ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଓଡିଶାରେ ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍ (ଜେଡ୍‌ଏଚ୍‌ଏଲ୍) ପକ୍ଷରୁ ବୁଧବାର ସୂଚନା ଭବନଠାରେ ୩୧ଜଣ ଆମ୍ବୁଲାନ୍ସ କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କର୍ମଚାରୀଙ୍କ ୧୬ଜଣ ମେଧାବୀ ପିଲାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଜିକିତ୍ସା ଓଡ଼ିଶା ସ୍କଲାରଶିପ ୨୦୨୩ରେ ୭ଜଣ କ୍ଲଷ୍ଟର ଲିଡର ଓ ୨୪ଜଣ କ୍ରିୟୁ ମେମ୍ବରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଛି। ଏହି ଅବସରରେ ଜେଡ୍‌ଏଚ୍‌ଏଲ୍‌ର ମାର୍କେଟିଂ ଓ ଯୋଗାଯୋଗ ମୁଖ୍ୟ ପ୍ରିୟଙ୍କା ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅତିଥି ଭାବେ ଜେଡ୍‌ଏଚ୍‌ଏଲ୍‌ର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ଉପସ୍ଥିତ ଥିଲେ। ସମ୍ମାନିତ ହୋଇଥିବା କ୍ରିୟୁ ସଦସ୍ୟ ହେଲେ, ଭାଗୀରଥି ମହାନ୍ତ, ନଗେନ ବାଗ, ଶରତ କୁମାର ଜେନା, ଶିଶିର କୁମାର ରାଉତ, ରମେଶ ନାହାକ, ଏସକେ ଜହିରୁଦ୍ଦିନ, ପ୍ରଶାନ୍ତ କୁମାର ନାୟକ, ଶୋଭ୍ରମ ସବର, ପଙ୍କଜ କୁମାର ଖରା, ଧ୍ରୁବ ମାଝୀ, ତାରାନିସେନ ସାହୁ, ନିରୋଜ ଭୋଇ, ରମାକାନ୍ତ ମହାନ୍ତ, ଶକ୍ତି ମହାନ୍ତି, ବୈଜୟନ୍ତ ପ୍ରଧାନ, ରମେଶ ପାତ୍ର, ଶିବାନନ୍ଦ ଦାସ, ସଞ୍ଜୟ ଦଳବେହେରା, ମାନସ ରଞ୍ଜନ ଦିଗଲ, ପ୍ରକାଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ମହାରଣା, ବିପିନ ବିହାରୀ ପ୍ରଧାନ ଓ ଭାଗୀରଥି ମହାନ୍ତି। ସେହିପରି ୭ଜଣ କ୍ଲଷ୍ଟର ଲିଡର କରନ ସାହୁ, ଅମର ବିପ୍ଳବ ପଣ୍ଡା, ପ୍ରଦୀପ ରାମ, ସୁବ୍ରତ ସିଟ, ନିତ୍ୟାନନ୍ଦ ଡାକୁଆ, ସୌମେନ୍ଦ୍ର ମହାପାତ୍ର ଓ ସୁନୀଲ କୁମାର ପାଢ଼ୀ।




ଜେଡ୍‌ଏଚ୍‌ଏଲ୍ ପକ୍ଷରୁ ବୁଧବାର ସୂଚନା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ପିଲାମାନଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ବିକଟାଳ ଶବ୍ଦ କରୁଥିବା ବାଇକ୍ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଗମ୍ଭାରୀମୁଣ୍ଡା,୨୨।୩(ଡି.ଏନ୍.ଏ.): ବାଣପୁର ଥାନା ଅଞ୍ଚଳର କେତେଜଣ ଯୁବକ ବାଇକ୍‌ରେ ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ପାଇପ୍ ଲଗାଇଛନ୍ତି। ଫଳରେ ପରିବେଶ ଦୂଷିତ ହେବା ସହ ବିକଟାଳ ଶବ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବାଇକ୍ ମାଲିକଙ୍କ ଉପରେ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ସୂଚନା ମୁତାବକ, ବାଣପୁର, ଗମ୍ଭାରୀମୁଣ୍ଡା ଓ ନାଚୁଣୀ ଆଦି ଅଞ୍ଚଳରେ ଯୁବକମାନେ ବାଇକ୍‌ରେ ଶବ୍ଦ ବଢ଼ାଇବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ପାଇପ୍ ଲଗାଇବା ସହ ଦ୍ରୁତ ଗତିରେ ବାଇକ ଚଳାଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବାଇକ୍ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି ହେଉଛି।

### ନାଟ୍ୟକାର ବଂଶୀଧର ରାଉତଙ୍କ ସ୍ମୃତିସଭା

ଖୋର୍ଦ୍ଧା ଅଫିସ,୨୨।୩: ଭବାନୀ ୟଙ୍ଗ୍ କ୍ଲବ ଏବଂ ଖୋର୍ଦ୍ଧାର କଳାକାର ଓ ସାହିତ୍ୟିକଙ୍କ ମିଳିତ ଆନୁକୂଲ୍ୟରେ ନାଟ୍ୟକାର, କଥାକାର ତଥା 'ମହଲ'ର ସମ୍ପାଦକ ବଂଶୀଧର ରାଉତଙ୍କ ସ୍ମୃତିସଭା ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲାଲ୍‌ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଉତଙ୍କ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ନାଟ୍ୟକାର ସୁବୋଧ ଚନ୍ଦ୍ର ପଟ୍ଟନାୟକ, ବିଧାନ ଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ନାଟ୍ୟକାର ଲଳିତ ମୋହନ ରାଉତରାୟ, ସଞ୍ଜୟ ପଟ୍ଟନାୟକ, ନାରାୟଣ ଜେନା, ସ୍ୱର୍ଗତ ବଂଶୀଧରଙ୍କ ସହଧର୍ମିଣୀ ଗୀତାଞ୍ଜଳି ରାଉତ, ପୁଅ ବିଶ୍ୱଜିତ୍ ଓ ସତ୍ୟଜିତ୍, କନ୍ୟା ମିନୁଶ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ରାଉତଙ୍କ ବିଭିନ୍ନ ଫଟୋଚିତ୍ର ଏବଂ ମହଲର ବିଭିନ୍ନ ସଂଖ୍ୟାକୁ ନେଇ ଏକ ପ୍ରଦର୍ଶନୀ କରାଯାଇଥିଲା।

### ବିଦ୍ୟାଳୟରେ ରାଷ୍ଟ୍ରୀୟ ନବ ବର୍ଷ

ବୋଲଗଡ,୨୨।୩(ଡି.ଏନ୍.ଏ.): ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ରାତଃରେ ଶଙ୍ଖନାଦ କରିବା ସହ ଦୀପ ପ୍ରଜ୍ୱଳନ ପୂର୍ବକ ଧ୍ୱଜା ସ୍ଥାପନ କରିଥିଲେ। ପରେ ଗୋ'ମାତାଙ୍କୁ ପୂଜନ କରାଯାଇଥିଲା। ଶିଶୁମନ୍ଦିରର ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଓ ପ୍ରଧାନାଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଥଇଥାନ ଦାବିରେ ପରିବା ବ୍ୟବସାୟୀଙ୍କ ବିକ୍ଷୋଭ




ଖୋର୍ଦ୍ଧା ଅଫିସ,୨୨।୩

■ଦୋକାନ ବନ୍ଦ କରି ପ୍ରତିବାଦ ଜଣାଇଲେ
■ପୌର କାର୍ଯ୍ୟାଳୟକୁ ଅଚଳ ଚେତାବନୀ

ଖୋର୍ଦ୍ଧାର ବିକାଶରେ ବାଧକ ସାଜିଛି କ୍ୟାବିନ ଓ ରାସ୍ତାକଡ଼ ଉଠାଦୋକାନ। ଫଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ଦୀର୍ଘବର୍ଷ ହେବ ଏହି ସମସ୍ୟା ଲାଗିରହିଛି। କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କେବଳ ସରକାରୀ କାଗଜକଲମରେ ସୀମିତ ରହିଛି। ଏମାନଙ୍କ ଥଇଥାନ ପ୍ରସଙ୍ଗ ଶୀତଳଭଣ୍ଡାରରେ ରହିଥିବା ବେଳେ ସହରରେ ବ୍ୟବସାୟ କରୁଥିବା ପରିବା ବ୍ୟବସାୟୀ ସଂଘ ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ଲାଗି ଦାବି କରିଛି। ସଂଘ ନିଷ୍ପତ୍ତିକ୍ରମେ ବୁଧବାର ପରିବା ଦୋକାନ ବନ୍ଦ କରି ଥଇଥାନ ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କିଅକପ ଓ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କ ଦାବି ପ୍ରତି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପୌର ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ପରିବା ବ୍ୟବସାୟୀ ସଂଘ ଉପଦେଷ୍ଟା ନରେନ୍ଦ୍ର ପୃଷ୍ଟି ଏବଂ ସଂଘ ସଭାପତି ଚକ୍ରଧର ସାହୁଙ୍କ ନେତୃତ୍ୱରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ନୂଆ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୌର କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଶାସନର ପୂର୍ବ ନିଷ୍ପତ୍ତିକ୍ରମେ ସେମାନଙ୍କୁ ଟିଏଲ୍‌ସି ଠାରେ ସ୍ଥିରୀକୃତ ସ୍ଥାନରେ ଥଇଥାନ ଲାଗି ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପାର୍କିଂ ସୁବିଧା ନ ଥିବାରୁ ପରିବା କିଣିବାକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ପାର୍କିଂ କଲେ ପୋଲିସ ଜରିମାନା କାଟୁଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କିଅକପ କହିଛନ୍ତି, ପରିବା ବ୍ୟବସାୟୀ ସଂଘ ପକ୍ଷରୁ ସେମାନଙ୍କ ଥଇଥାନ ନେଇ ଦାବିପତ୍ର ଦେଇଛନ୍ତି। ତେବେ ଦୁଇ ସପ୍ତାହ ମଧ୍ୟରେ ଥଇଥାନ ସମ୍ଭବ ନୁହଁ। ଟିଏଲ୍‌ସିଠାରେ ଆରଏମ୍‌ସି ତତ୍ତ୍ୱାବଧାନରେ ହେବାକୁ ଥିବା ବଜାରରେ ସେମାନଙ୍କୁ ଥଇଥାନ ଲାଗି ଯୋଜନା କରାଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ପର୍ଯ୍ୟାୟରେ ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଯୋଜନା କରାଯାଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ପ୍ରକାଶ ଯେ, ଗତ ଜାନୁୟାରୀ ୨୪ରେ ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ପରିସରରେ ପୌର ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦୁଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ରାଜେନ୍ଦ୍ର ସାହୁ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ପରିବା ଓ ଫଳ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ଉପଜିଲାପାଳ ସେଠୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

### ସାମିଲ ହେଲାନି ହାବେଳି ପଡ଼ିଆ ଅସ୍ଥାୟୀ ବ୍ୟବସାୟୀ ସଂଘ

ଟିଏଲ୍‌ସିଠାରେ ଥଇଥାନ ନେଇ ପରିବା ବ୍ୟବସାୟୀ ସଂଘ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଅନ୍ୟପଟେ ଏଥିରୁ ଦୂରେଇ ରହିଛି ହାବେଳି ପଡ଼ିଆ ଅସ୍ଥାୟୀ ବ୍ୟବସାୟୀ ସଂଘ। ଟିଏଲ୍‌ସି ପରିବର୍ତ୍ତେ ହାବେଳି ପଡ଼ିଆରେ ସେମାନଙ୍କୁ ଥଇଥାନ ଦାବିରେ ରାସ୍ତାରେ ବିକ୍ଷୋଭ ସହ ପୃଥକ୍ ଭାବେ ଜିଲାପାଳ, ଉପଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କରୋନା ମହାମାରୀ ସମୟରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ରାସ୍ତାକଡ଼ରେ ପରିବା ବିକ୍ରି କରୁଥିବା ବ୍ୟବସାୟୀ ହାବେଳି ପଡ଼ିଆକୁ ଆସିଥିଲେ। ସେଥିମଧ୍ୟରୁ ଅନେକେ ବ୍ୟବସାୟ ବନ୍ଦ କରି ଚାଲିଯାଇଥିବା ବେଳେ ଏବେ ୪୦ଜଣ ବ୍ୟବସାୟୀ ଦୈନିକ ବେପାର କରୁଛନ୍ତି। ଏହି ବ୍ୟବସାୟୀଙ୍କୁ ନେଇ ହାବେଳି ପଡ଼ିଆ ଶାନ୍ତି କମିଟି ପରିବା ବ୍ୟବସାୟୀ ସଂଘ ଗଠନ କରାଯାଇଛି। ଏଠାରେ ଥିବା ପ୍ଲଟ ନଂ .୨୬୮୬, ଖାତା ନଂ.୧୧୦୬ ଯଜାରସିଂ ମୌଜାରେ ଥଇଥାନ ଲାଗି ଦାବି କରିଛନ୍ତି। ଏନେଇ ସଂଘର ବାସୁଦେବ ପ୍ରଧାନ, ବିରାଟ ବେହେରା, ମହେଶ୍ୱର ସାହୁ, ଆଶୁତୋଷ ମିଶ୍ର, ପିଣ୍ଟୁ ସାହୁ, ଗୋପାଳକୃଷ୍ଣ ସାହୁଙ୍କ ସମେତ ଅନ୍ୟମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।



### ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୨୨।୩

ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଏହି ଗୁପ୍ତ ନୀତିକୁ ଦଇତାପତି ସେବକମାନେ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧାରଣ ଦର୍ଶନ ବନ୍ଦରହିଥିଲା। ଦଇତାପତି ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା। ବୁଧବାର ଅପରାହ୍ନ ୪ଟା ୫୦ ମିନିଟ୍‌ରେ ଦଇତା ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ବନକ ଲାଗି ନୀତି ଆରମ୍ଭ କରିଥିଲେ। ରାତି ୭ଟା ୪୫ମିନିଟ୍‌ରେ ନୀତି ସମ୍ପନ୍ନ କରି ଦଇତାପତି ସେବକମାନେ ଶ୍ରୀମନ୍ଦିରରୁ ବାହାରିଥିଲେ। ବନକ ଲାଗି ସମ୍ପନ୍ନ ହେବା ପରେ ରାତ୍ର ୮ଟା୨୦ରେ ଶ୍ରୀବିଗ୍ରହଙ୍କ ଗଭା ମଇଲମ କରାଯାଇ ମହାସ୍ନାନ ନୀତି କରାଯାଇଥିଲା। ରାତି ୯ଟାରେ ମହାପ୍ରଭୁଙ୍କ ମହାସ୍ନାନ ଶେଷ ହୋଇ ମଇଲମ, ବେଶ ଶେଷ ସନ୍ଧ୍ୟା ଆଳତି ସହ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଅପରପକ୍ଷେ ମହାସ୍ନାନ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।



ଖୋର୍ଦ୍ଧା ରାମେଶ୍ୱରସ୍ଥିତ ମା'ବନଦୁର୍ଗା ଓ ଜଟଣୀ କୁଦିଆରୀସ୍ଥିତ ଜାଗୁଳାଇ ବୁଧବାର ଶୈଳପୁତ୍ରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

### 'ନିଜ ସଂସ୍କୃତିକୁ ଭଲ ପାଅ'

ଖୋର୍ଦ୍ଧା ଅଫିସ/ଟାଙ୍ଗୀ୨୨।୩(ଡି.ଏନ୍.ଏ.)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଟାଙ୍ଗୀ ଖଣ୍ଡ ଆନୁକୂଲ୍ୟରେ ରାଷ୍ଟ୍ରୀୟ ନବ ବର୍ଷ ସରସ୍ୱତୀ ଶିଶୁ ମନ୍ଦିର ଚାନ୍ଦପୁର ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନୟାଗଡ ଜିଲା ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ଯୋଗଦେଇ ସ୍ୱୟଂ ସେବକ ରାଷ୍ଟ୍ରୀୟ ବିଚାରଧାରାରେ ସମର୍ପିତ ଭାବନାରେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ମା'ମାନେ ପିଲାମାନଙ୍କୁ ସଂସ୍କାରିତ ଶିକ୍ଷା ପ୍ରଦାନ କରିବା ଅବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର ଯୋଗଦେଇ ପାଶ୍ଚାତ୍ୟ ସଂସ୍କୃତିରେ ବିମୋହିତ ନ ହୋଇ ରାଷ୍ଟ୍ରୀୟ ନବ ବର୍ଷର ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରି ପରପୀଢ଼ିକୁ ଏ ସମ୍ପର୍କରେ ଜଣାଇବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ଶରତ କୁମାର ପ୍ରତିହାରୀ, ମୁକ୍ତିକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡ କାର୍ଯ୍ୟବାହ କାର୍ତ୍ତିକେଶ୍ୱର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଶିଶୁଙ୍କ ପାଇଁ ଦିନଟିଏ କର୍ମଶାଳା



କର୍ମଶାଳାରେ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ବ୍ଲକସ୍ତରୀୟ 'ଶିଶୁଙ୍କ ପାଇଁଦିନଟିଏ' କର୍ମଶାଳା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ, ଯୌନ ନିର୍ଯାତନା, ଶିଶୁ ଶୋଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଓ ପଞ୍ଚାୟତ ସ୍ତରୀୟ ଶିଶୁସୁରକ୍ଷା କମିଟି ଗଠନର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ସ୍ୱାଇଁ, ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ମଉଜମଣି ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳରେ କିଭଳି ଆଗାମୀ ଭବିଷ୍ୟତର ଶିଶୁଙ୍କୁ ସୁରକ୍ଷା ଦିଆଯିବ ଓ ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ କ'ଣ ଭୂମିକା ରହିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଜିଲାପାଳଙ୍କ ଠାରୁ ପୁରସ୍କୃତ ହୋଇଥିବା ବରସାହି ସରପଞ୍ଚ ଶରତ କୁମାର ବେହେରା ଶିଶୁଙ୍କ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବାଜପୁର ସରପଞ୍ଚ କେଦାରଶ୍ୱର ପୃଷ୍ଟି, କୁରାଢ଼ମଲ୍ଲ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି ଓ ସ୍ୱେଚ୍ଛାସେବୀମାନେ ମତ ରଖିଥିଲେ।

# ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

ଗମ୍ଭାରୀମୁଣ୍ଡା,୨୨।୩(ଡି.ଏନ୍.ଏ.)

ବାଣପୁର ବ୍ଲକ ଅନ୍ତର୍ଗତ ସାନହନ୍ତୁଆଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ତଥା ସେଣ୍ଟଜନ୍ ଆମ୍ବୁଲାନ୍ସର ସଭ୍ୟ ଅନନ୍ତ ଚରଣ ଖଟେଇଙ୍କ ଦ୍ୱାରା ବିଭିନ୍ନ ଦୁର୍ଘଟଣାରେ ପ୍ରଭାବିତ ଛାତ୍ରୀଛାତ୍ର, ବ୍ୟକ୍ତିବିଶେଷ କିପରି ପ୍ରାଥମିକ ସହାୟତା ପାଇପାରିବେ ଏବଂ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚା ଯାଇପାରିବ ଏନେଇ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯିବା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ଖଟେଇ ରକ୍ତଦାନ, ଅଙ୍ଗଦାନ ସମ୍ପର୍କରେ ପିଲାମାନଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଜଳ ସଂରକ୍ଷଣ, ବୃକ୍ଷରୋପଣ, ଜଳ ପରିମଳ, ନିଶା ନିବାରଣ ବିଷୟରେ ମଧ୍ୟ ପିଲାମାନଙ୍କୁ ବୁଝାଇଥିଲେ। ସାମାଜିକ କର୍ମୀ ଅଭିମନ୍ୟୁ ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଭଗବତୀ ମିଶ୍ର, ହରଷ ଦାସ, ସୁଷମା ଦାସ, ଅପରାଜିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରମିଳା ଦେଈ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ସ୍ୱୟଂସେବକ ସମାଜ ସେବା ପାଇଁ ସମର୍ପିତ

ଖୋର୍ଦ୍ଧା ଅଫିସ/ଟାଙ୍ଗୀ୨୨।୩(ଡି.ଏନ୍.ଏ.)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଟାଙ୍ଗୀ ଖଣ୍ଡ ଆନୁକୂଲ୍ୟରେ ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟ ପରିସରରେ ଆରଏସଏସର ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡଗେୱାରଙ୍କର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିଭାବେ ଖୋର୍ଦ୍ଧା ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ସ୍ୱୟଂସେବକମାନଙ୍କପାଇଁ ସେ ପ୍ରେରଣାର ଉତ୍ସ ଥିଲେ। ଆଜୀବନ ସମାଜସେବାକୁ ବ୍ରତରୂପେ ଗ୍ରହଣ କରିଥିବା ସ୍ୱୟଂସେବକ ନିଜକୁ ପ୍ରସ୍ତୁତ ରଖିବା ନିମନ୍ତେ ଦୈନିକ ଏକ ଘଣ୍ଟା ନିତ୍ୟଶାଖାରେ ଉପସ୍ଥିତ ରହିବା ସହ ଅନ୍ୟମାନଙ୍କୁ ଶାଖାଭିମୁଖୀ କରାଇପାରିଲେ ଡକ୍ଟରଜୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ଆଦ୍ୟ ସର ସଂଘ ଚାଳକ କହିଥିଲେ। ଖଣ୍ଡ କାର୍ଯ୍ୟବାହ କାର୍ତ୍ତିକେଶ୍ୱର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାନସ ଜେନା ମୁଖ୍ୟ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ଗୁରୁ, ପ୍ରଭାକର ବିଶ୍ୱାଳ, ନିଲୁ ସାହୁ, ସ୍ୱପ୍ନେଶ୍ୱର ପାତ୍ର, ମୁକ୍ତିକାନ୍ତ ଶତପଥୀ, ସନ୍ତୋଷ ସାମନ୍ତରାୟ, ଜ୍ଞାନରଞ୍ଜନ ରଣା, ସୁବାସ ବେହେରା, ଓମ୍ ପ୍ରସାଦ ପ୍ରଧାନ, ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତାଲିମ ନେଲେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ

ବାଲୁଗାଁ,୨୨।୩(ଡି.ଏନ୍.ଏ.)

ବାଲୁଗାଁସ୍ଥିତ ମତ୍ସ୍ୟ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ରାଜ୍ୟ ମତ୍ସ୍ୟ ବିଭାଗର ନବନିଯୁକ୍ତ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅଧ୍ୟକ୍ଷ ମୁରଲିଧର ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ପ୍ରତିଷ୍ଠାନର ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଦୀପ୍ତିମୟୀ ନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭଦର୍ଶିନୀ ପଣ୍ଡା, ସୁସ୍ମିତା ସାହୁଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାର ୩୭ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଉପସ୍ଥିତ ଥିଲେ। ଗରିବ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଯୁବ ଗୋଷ୍ଠୀମାନଙ୍କର ଆତ୍ମନିଯୁକ୍ତି ସହିତ ଜୀବନଜୀବିକା, ଆର୍ଥିକ ବିକାଶ ଓ ଆୟ ବୃଦ୍ଧି ନେଇ ତାଲିମ ପ୍ରଦାନ କରାଯାଇଛି। ଏଥିସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ମତ୍ସ୍ୟ ସମ୍ପଦର ବିକାଶ ଓ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ମାର୍ଗଦର୍ଶିକା ଏବଂ ଏହାର ସଫଳ ରୂପାୟନ ନିମନ୍ତେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ ଭୂମିକା, ଦାୟିତ୍ୱ ଉପରେ ଅଧ୍ୟକ୍ଷ ଜେନା ଆଲୋକପାତ କରିଥିଲେ। ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ଠା, ନିଃସ୍ୱାର୍ଥପର ଓ ଆନ୍ତରିକତା ସହ ଅଧିକ ସକ୍ରିୟ ହୋଇ ୫-ଟି ଉପକ୍ରମ ଅନୁସରଣ କରି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଛି। ସରକାରୀ ସେବାର ବିଭିନ୍ନ ନିୟମାବଳୀ, କଲ୍ୟାଣକାରୀ ଯୋଜନା, ମାର୍ଗଦର୍ଶିକା, ମତ୍ସ୍ୟ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସୁବିଧା ସୁଯୋଗ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହିଳା ମାଛଚାଷୀଙ୍କ ଭୂମିକା ଆଦି ନିମନ୍ତେ ଗୋ ସୁଗମ ପୋର୍ଟାଲର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଚଳିତ ବର୍ଷ ୭୧ ଜଣଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ।

# 'ରାଷ୍ଟ୍ର ପ୍ରତି ସମର୍ପିତ ହୁଅ'

ଖୋର୍ଦ୍ଧା ଅଫିସ,୨୨।୩

ସଂସ୍କୃତି ସୁରକ୍ଷା ସମିତି ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ଗୀତା ଭବନ ପଡ଼ିଆରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବୁଦ୍ଧିଜୀବୀ ଜୟକୃଷ୍ଣ ବାରିକ ମୁଖ୍ୟ ଅତିଥି ଏବଂ ଆରଏସ୍‌ଏସ୍ ପୁରୀ ବିଭାଗ ସଂଘଚାଳକ ତଥା ପୂର୍ବତନ ବାୟୁସେନା ଅଧିକାରୀ ମନୋରଞ୍ଜନ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲାଗି ସମସ୍ତଙ୍କ ଯୋଗଦାନର ଆବଶ୍ୟକତା ରହିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ସମାଜ ଓ ରାଷ୍ଟ୍ର ପ୍ରତି ଉତ୍ତରଦାୟିତ୍ୱ ରହିଛି। ଅନ୍ୟ ଉପରେ ଦୋଷ ଦେବା ଅପେକ୍ଷା ନିଜକୁ ପରିମାର୍ଜିତ କରନ୍ତୁ। ଏକ ଆଦର୍ଶ, ସଶକ୍ତ, ସମୃଦ୍ଧ, ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ସୁଚାରୁଭାବେ ସମ୍ପନ୍ନ କରିବାକୁ ପଡ଼ିବ। ଭାରତୀୟ ସଂସ୍କୃତି ପରମ୍ପରା ଅତି ପ୍ରାଚୀନ। ଭାରତୀୟମାନେ ନିଜ ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତି ପଛରେ ଧାଇଁଛନ୍ତି। ଜାନୁୟାରୀ ପହିଲାକୁ ନୂତନ ବର୍ଷ ଭାବେ ପାଳନ କରୁଛନ୍ତି। ଚିନ୍ତନ କରିବାର ସମୟ ଆସିଛି। ନିଜ ସଂସ୍କୃତି, ପରମ୍ପରାକୁ ଭଲ ପାଆନ୍ତୁ। ଭାରତୀୟ ସଂସ୍କୃତି ହେଉଛି ଜୀବନମୂଲ୍ୟର ଏକ ପ୍ରମୁଖ ଆଧାର। ସକାଳୁ ସୂର୍ଯ୍ୟୋଦୟ ଦର୍ଶନଠାରୁ ରାତ୍ର ଶୟନ ପର୍ଯ୍ୟନ୍ତ ଦିଅଁ ଦେବତା ପୂଜା, ଭାଗବତ ପାଠ ଆଦି ଜୀବନଶୈଳୀକୁ ମାର୍ଜିତ କରିଥାଏ। ଏକ ଆଧ୍ୟାତ୍ମିକତା ଭାବ ଜାଗ୍ରତ ସହ ସମାଜରେ ଶୃଙ୍ଖଳା ବଜାୟ ରଖିଥାଏ। ସଂସ୍କୃତି ଗୋଟିଏ ଜାତିର ଆଧାର। ସଂସ୍କୃତି ହଜିଲେ, ତାହା ସହିତ ଜାତିର ଅସ୍ତିତ୍ୱ ମଧ୍ୟ ହଜିଯିବ। ତେଣୁ ପାଶ୍ଚାତ୍ୟ ସଂସ୍କୃତି ଅପେକ୍ଷା ଭାରତୀୟ ସଂସ୍କୃତିକୁ ନେଇ ଗର୍ବ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗିରିଜା ମୋହନ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଆଦିତ୍ୟ ମହାରଣା ମଞ୍ଚ ସଂଯୋଜନା କରିଥିଲେ। ପ୍ରଶାନ୍ତ ବେହେରା, ଆଶିଷ ବିଦ୍ଧୁରେନ୍ଦ୍ର, ମହେନ୍ଦ୍ର ସିଂ, ଓମ୍‌ପ୍ରକାଶ ମହାନ୍ତିଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବୃଦ୍ଧାଶ୍ରମ ଉଦ୍‌ଘାଟିତ**

ମଙ୍ଗୁଳି-ଜଗତପୁର,(ଡି.ଏନ୍‌.ଏ.): ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ କପାଳେଶ୍ୱର ନୂଆସାହି ଧୂମାବତୀ ବିହାରରେ ବୃଦ୍ଧାଶ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଗତିକା ଫାଉଣ୍ଡେଶନର ସଭାପତି ଦେବେନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସାମାଜିକ କର୍ମୀ ପାର୍ବତୀ ସାହୁ ଓ ଛବିଳତା ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଆଇନଜୀବୀ ପ୍ରମୋଦ ସାହୁ, ଯାଦବ ମହାସଂଘ ସଭାପତି ପ୍ରଦୀପ ବେହେରା, ସ୍ୱାଧୀନ ପୃଷ୍ଟି, ଜୟନ୍ତୀ ପୃଷ୍ଟି, ପଦ୍ମିନ ତରାଇ ପ୍ରମୁଖ ଯୋଗ ଦେଇଥିଲେ।

# ପେଭର ବ୍ଲକ ରାସ୍ତା ଦବିଯାଉଛି

**କଟକ ଅଫିସ,୨୨।୩**

ଭୂତଳ ଜଳସ୍ତର ବୃଦ୍ଧି ସହ ସହରବାସୀଙ୍କୁ ଖାଲଖମା ରାସ୍ତାରୁ ମୁକ୍ତ କରିବାପାଇଁ କଂକ୍ରିଟ ସ୍ଥାନରେ ରାସ୍ତାରେ ପେଭର ବ୍ଲକ ପକାଯାଉଛି। କଂକ୍ରିଟ ରାସ୍ତା ତୁଳନାରେ ପେଭର ବ୍ଲକରେ କମ୍‌ ଖର୍ଚ୍ଚ ହେଉଥିବାବେଳେ ସୁନ୍ଦର ମଧ୍ୟ ଦେଖାଯାଇଥାଏ। ସରକାରଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ ସାହି ଗଳିକନ୍ଦିରେ ପେଭର ବ୍ଲକ ବ୍ୟବହାର କରାଯାଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ଆଖିକୁ ସୁନ୍ଦର ଦେଖାଯଉଥିବା ଏହି ରାସ୍ତାଗୁଡିକ ଖୁବ୍‌ କମ୍‌ ଦିନ ମଧ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଲାଣି।

ଦୀର୍ଘବର୍ଷ ହେବ ଜାଇକା ଯନ୍ତ୍ରଣା ଭୋଗୁଛନ୍ତି ସହରବାସୀ। ବିଭିନ୍ନ ସ୍ଥାନରେ ରାସ୍ତା ଖୋଳିବା, ଖାଲଖମା, ରାସ୍ତା ଧସିବା ଆଦି ଅନେକ ସମସ୍ୟା ଦେଖିବାକୁ ମିଳେ। ତେବେ ଏହିସବୁ ଅସୁବିଧା ଦୂର କରିବାକୁ ରାସ୍ତାରେ ପେଭର ବ୍ଲକ ପଡ଼ିଛି। କଟକ ମହାନଗର ନିଗମ ପକ୍ଷରୁ ଏଭଳି ରାସ୍ତା ଚିହ୍ନଟ କରାଯାଇ ବିଭିନ୍ନ ସ୍ଥାନରେ ପେଭର ବ୍ଲକ ବିଛାଯାଇଛି। ତେବେ ପେଭର ବ୍ଲକ ବ୍ୟବହାର କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଛି। ରାସ୍ତାରେ ପ୍ରାୟ ୮୦ ସେଣ୍ଟିମିଟର ଖୋଳିବା ପରେ ସେଥିରେ ବାଲି, ଗୋଡି, ପଥର ଗୁଣ୍ଡ ଆଦିର ମିଶ୍ରଣର ଗୋଟେ ସ୍ତର ଦେବାପରେ


ଦରଘାବଜାର ଅଞ୍ଚଳରେ ପେଭର ବ୍ଲକ ରାସ୍ତା ଦବି ଯାଇଛି।

**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

ବାଲିର ଆସ୍ତରଣ ଦେଇ ଉକ୍ତ ରାସ୍ତାକୁ ଭଲଭାବରେ ଭାଇବ୍ରେଟର ମାଧ୍ୟମରେ ସମତଳ କରିବା ପରେ ପେଭର ବ୍ଲକ ପକାଯାଇଥାଏ। ଫଳରେ ପାଣି ଭୂତଳକୁ ସହଜରେ ଭେଦିପାରେ। ହେଲେ ସହରର ବିଭିନ୍ନ ସ୍ଥାନରେ ହେଉଥିବା ଏହି କାମ ଠିକ୍‌ ଭାବେ ହେଉନାହିଁ। ରାସ୍ତାକୁ ଆବଶ୍ୟକ ଅନୁସାରେ ସମତଳ କରାଯାଉ ନାହିଁ। ଫଳରେ କେଉଁଠି ବ୍ଲକ ଧସି ବାଲିରେ ପୋତି ହୋଇଗଲାଣି ତ କେଉଁଠି ଆବଡ଼ା ଖାବଡ଼ା ହୋଇଗଲାଣି ରାସ୍ତା। ଖାନନଗର, ମଙ୍ଗଳାବାଗ, ବକ୍ସିବଜାର, ରାଣୀହାଟ, ମାଛୁଆ ବଜାର, ଦୋଳମୁଣ୍ଡାଇ, ଦରଘା ବଜାର, ଚୌଧୁରୀ ବଜାର, ଓଡ଼ିଆବଜାର ଆଦି ସ୍ଥାନରେ ଏହି ପେଭର ବ୍ଲକ ବିଛାଯାଇଛି। ହେଲେ ଅନେକ ସ୍ଥାନରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ଫଳରେ ସ୍ଥାନୀୟ ବାସିନ୍ଦା ଯାତାୟାତରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାକୁ ତୁରନ୍ତ ମରାମତି କରା ନ ଗଲେ କୌଣସି ବି ସମୟରେ ଦୁର୍ଘଟଣାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ସେମାନଙ୍କ ମତରେ...**


"ରାସ୍ତା ସମସ୍ୟା କଟକ ସହରର ପିଛା ଛାଡ଼ିବନି। ଜାଇକା ଯନ୍ତ୍ରଣାପରେ ଏବେ ରାସ୍ତାରେ ପଡିଥିବା ବ୍ଲକଗୁଡ଼ିକ ଆଉ ଏକ ସମସ୍ୟା ପାଲଟିଛି। ଗୋଟେ ସାହିର ପୂରା ରାସ୍ତାରେ ବ୍ଲକ ନ ପକାଇ କିଛିବାଟ ବ୍ଲକ ପକାଇ ରାସ୍ତା ଉଚ୍ଚ କରାଯାଉଥିବାବେଳେ ବାକି ରାସ୍ତାକୁ ନିଚା ଛାଡ଼ି ଦେଉଛନ୍ତି। ନିଚା ସ୍ଥାନରେ ପାଣି ଜମିବା ସହ ଗାଡ଼ି ଚଲାଇବା ବେଳେ ସମସ୍ୟା ହେଉଛି।
**ଜଗନ୍ନାଥ ସାହୁ, ସ୍ଥାନୀୟ ବାସିନ୍ଦା**


"ବ୍ଲକ ପଡ଼ିବା କାର୍ଯ୍ୟ ଯେବେ ଆରମ୍ଭ ହୋଇଥିଲା ପ୍ରଥମରୁ ମୁଁ ଏନେଇ ଅଭିଯୋଗ କରିଥିଲି। ନିମ୍ନମାନର କାର୍ଯ୍ୟ ଯୋଗୁ ବ୍ଲକ ପଡ଼ିବାର କିଛି ଦିନରେ ଏହା ଦବିଯାଇଥିଲା। କେବଳ ବାଲି ପକାଇ ରାସ୍ତାକୁ ପୋତି ଦେଉଛନ୍ତି। ଆଉ କାମ କରି ଚାଲିଯାଉଛନ୍ତି। ଆମେମାନେ କେବଳ ସମସ୍ୟା ଭୋଗୁଛୁ।
**ଉମାକାନ୍ତ ସାହୁ, ସ୍ଥାନୀୟ ବାସିନ୍ଦା**


"କମିଶନର ଏବଂ ମୁଁ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଖରାପ ରାସ୍ତା ଦେଖି ତୁରନ୍ତ ଜେଇଙ୍କୁ ଡାକି ତାଗିଦ୍‌ କରିଛୁ। କଦମରସୁଲ ନିକଟରେ ଏଭଳି ଘଟଣାର ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ଜେଇମାନଙ୍କ ମନମୁଖି କାର୍ଯ୍ୟପାଇଁ ଏଭଳି ଘଟୁଛି। ତେବେ ଏହା ଗ୍ରହଣୀୟ ନୁହେଁ। ଯେଉଁଠି ସମସ୍ୟା ଦେଖାଯିବ ତୁରନ୍ତ ସମାଧାନ ସହ ତାହାର ଉତ୍ତରଦାୟୀ ସମ୍ପୃକ୍ତ ଯନ୍ତ୍ରୀ ହେବେ। ଅବହେଳା ପ୍ରଦର୍ଶନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି।
**ସୁବାସ ସିଂ, ମେୟର, ସିଏମ୍‌ସି**



ବିଶ୍ୱ ଜଳ ଦିବସ ଅବସରରେ ବୁଧବାର କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ରୁ ମାରୱାଡି ହାଇସ୍କୁଲ ଏନ୍‌ସିସି ଛାତ୍ରଙ୍କ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ନେଲେ ମହିଳା ଗୋଷ୍ଠୀ

**କଟକ ଅଫିସ,୨୨।୩**

କଟକ ମହାନଗର ନିଗମ (ସିଏମ୍‌ସି) ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୨୬ ନମ୍ବର ୱାର୍ଡ ଅନ୍ତର୍ଗତ ପରିଚୟ କେନ୍ଦ୍ର ଜାଗା ମିଶନ ଗୃହରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨, ୨୪, ୨୬ ଓ ୨୭ ନଂ. ୱାର୍ଡର ୧୦ଟି ବସ୍ତିବାସିନ୍ଦା ସଂଘ ଓ ମହିଳା ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇଥିଲେ। ସିଏମ୍‌ସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଯୋଗଦେଇ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଗ୍ନିଶମ ବିଭାଗର କ୍ଷୀରୋଦ ଶତପଥୀ ଓ ତାଙ୍କ ସହଯୋଗୀ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରିଥିଲେ। ଏସ୍‌ଜି ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ପ୍ରଦୀପ୍ତ ମହାନ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କର୍ପୋରେଟର ଚନ୍ଦନ ଜେନା ଓ ଗଗନ କୁମାର ଓଝା ଯୋଗଦେଇ ବସ୍ତିବାସିନ୍ଦା ସଂଘର ସଦସ୍ୟାସଦସ୍ୟଙ୍କୁ ଅଗ୍ନି ନିରାପତ୍ତା ଉପରେ ଅବଗତ କରାଇବା ସହିତ ନିଜ ୱାର୍ଡରେ ଏହି କାର୍ଯ୍ୟକ୍ରମର ପ୍ରଚାରପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ସଙ୍ଗଠିକା ଶୁଚିସ୍ମିତା ଶତପଥୀ ଓ ଶୁଭ ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ୫ ମୋବାଇଲ୍‌ ଫୋନ୍‌ ଜବତ, ୨ ଗିରଫ

**କଟକ ଅଫିସ,୨୨।୩:** ମୋବାଇଲ ଚୋରି ଘଟଣାରେ ପୁରୀଘାଟ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୫ଟି ମୋବାଇଲ୍‌ ଫୋନ୍‌, ୧୦ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ଅଡଗାଁର ବିଶ୍ୱନାଥ ବେହେରା ଓ ଏକସୁଡ଼ାର ସୌମ୍ୟରଞ୍ଜନ ଜେନା। ପୁରୀଘାଟ ଥାନା ଅନ୍ତର୍ଗତ ଟାଉନହଲ୍‌ ରୋଡ୍‌ ଅଞ୍ଚଳର ଅମିତାଭ ଶତପଥୀ ଗତ ୧୬ ତାରିଖ ଅପରାହ୍ନରେ ଗଣେଶ ଘାଟ ନିକଟରେ ଯାଉଥିବାବେଳେ ତାଙ୍କୁ କେତେଜଣ ଯୁବକ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କୁ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ। ଉକ୍ତ ପାନୀୟ ସେ ପିଇସାରିବା ପରେ ଅଚେତ ହୋଇଯାଇଥିଲେ। ଚେତା ଫେରିବା ପରେ ତାଙ୍କ ନିକଟରେ ଥିବା ଏକ ମୋବାଇଲ୍‌ ଫୋନ୍‌ ଓ ପର୍ସରେ ଥିବା ୭ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୫/୨୩) ରୁଜୁ କରିଛି।

## ନୂଆଗଡ଼ ଡ୍ରାମାଟିକ୍‌ କ୍ଲବ ପକ୍ଷରୁ ନାଟକ ପରିବେଷଣ

**ଫୁଲନଖରା,୨୨।୩(ଡି.ଏନ୍‌.ଏ.):** କଟକ ମହାନଗର ନିଗମ(ସିଏମ୍‌ସି)ର ୫୮ ନମ୍ବର ୱାର୍ଡସ୍ଥିତ ନୂଆଗଡ଼ ଡ୍ରାମାଟିକ୍‌ କ୍ଲବ ପକ୍ଷରୁ ଦୁଇଦିନ ଧରି ନାଟକ ପରିବେଷିତ ହୋଇଥିଲା। ଏହି ଅବସରରେ ଡ୍ରାମାଟିକ୍‌ କ୍ଲବ ଉପଦେଷ୍ଟା ବିକ୍ରମ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡା, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ରାଜକୁମାରୀ ସ୍ୱାଇଁ, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ନଗର ବିଜେଡି ସମ୍ପାଦିକା ଶିବାନୀ ଜେନା, ପୂର୍ବତନ କର୍ପୋରେଟର କୌଶିକ୍‌ ଜେନା, ଶିଳ୍ପପତି କିଶୋର ଜେନା, ଡ୍ରାମା କମିଟି ସଭାପତି ଗଣେଶ ବରାଳ, ସମ୍ପାଦକ ସୁବାସ ନାୟକ, ଗ୍ରାମ୍ୟ କମିଟି ପରାମର୍ଶଦାତା ପୀତବାସ ମହାପାତ୍ର, କେଦାର ନାଥ ସିଂ, ଉପସଭାପତି ବିଜୟ ରାଉତ, ସମ୍ପାଦକ ସନ୍ତୋଷ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର କଳାକାରଙ୍କୁ ନେଇ ଦୁଇଟି ନାଟକ 'କହିଦେଲେ କଥା ସରିଯିବ' ଓ 'ଏଠି ତୋର ଦୋଷ ନା ମୋର ଦୋଷ' ପରିବେଷିତ ହୋଇଥିଲା। ଲକ୍ଷ୍ମୀଧର ନାୟକ, ତ୍ରୈଲୋକ୍ୟ ପ୍ରଧାନ, ବିଘ୍ନେଶ୍ୱର ବରାଳ, ଯୋଗେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଶହୀଦ ଭବନରେ ନିମଚୌଡିସ୍ଥିତ କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କର ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ, ୨୨।୩**

କଟକ ମହାନଗର ନିଗମ (ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ଟିମ୍‌ ପକ୍ଷରୁ ନୂଆପଡ଼ା ଓ ରାଜେନ୍ଦ୍ରନଗର ଅଞ୍ଚଳରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠା ଦୋକାନକୁ ହଟାଇ ଦିଆଯାଇଥିବାବେଳେ ନାଳ ଉପରେ ଜବରଦଖଲ କରାଯାଇ ଇଟାରେ ନିର୍ମାଣ ଦୋକାନକୁ ଭାଙ୍ଗି ଦିଆଯାଇଥିଲା। ପୁନଶ୍ଚ ସେଠାରେ ବ୍ୟବସାୟ ନ କରିବାକୁ ସେମାନଙ୍କୁ ଚେତାବନୀ ଦିଆଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ସିଡିଏ


ରାଜେନ୍ଦ୍ରନଗର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ମଧୁପାଟଣା ଥାନାଧିକାରୀ ତୁଷାରକାନ୍ତ ସେଠୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଓ କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସର ସଦସ୍ୟମାନେ ସାମିଲ ହୋଇଥିଲେ।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘର ଚେତାବନୀ**

**କଟକ ଅଫିସ, ୨୨।୩**

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ପକ୍ଷରୁ ୩ଟି ମୁଖ୍ୟ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଦାବି କରାଯାଇଛି। ସେଗୁଡିକ ହେଲା ସଂଶୋଧିତ ଫାର୍ମାସିଷ୍ଟ କ୍ୟାଡର କାର୍ଯ୍ୟକାରୀ କରିବା, ମୂଳ ଦରମା ଗ୍ରେଡ ପେ' ବୃଦ୍ଧି, ପଦବୀ ନାମ ପରିବର୍ତ୍ତନ କରିବା। ଉକ୍ତ ଦାବି ପ୍ରତି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଆସନ୍ତା ଏପ୍ରିଲ ୧୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ଫାର୍ମାସିଷ୍ଟମାନେ ୧୨ ତାରିଖଠାରୁ ସମୂହ ଛୁଟି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ରବିବାର ଏସ୍‌ସିବି ମେଡିକାଲ କଲେଜର ଫାର୍ମାସୀ ବିଭାଗରେ ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଭାପତି ଚିନ୍ମୟ କୁମାର ସିହ୍ନା, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, ସୁଧାଂଶୁ ଶେଖର ପଣ୍ଡା, ନଳିନୀ ସାହୁ, ସାରଦା ବେହେରା, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭାରତୀ ସଂସ୍କୃତିରେ ଗୁରୁପୂଜାର ମହାନ୍‌ ପରମ୍ପରା ରହିଛି'


ଗୁରୁପୂଜା ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କଟକ ଅଫିସ,୨୨।୩**

**ଓଡ଼ିଶା ପ୍ରତିଭା ବିକାଶ ମଞ୍ଚର ଗୁରୁପୂଜା ଉତ୍ସବ**

ଓଡ଼ିଶା ପ୍ରତିଭା ବିକାଶ ମଞ୍ଚର ଗୁରୁପୂଜା ଉତ୍ସବ ଗୋପବନ୍ଧୁ ନଗରସ୍ଥିତ ପାଣିଟାଙ୍କି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ପୂର୍ବତନ ଜଳ ବିଦ୍ୟୁତ ପ୍ରକଳ୍ପ ଅଧିକାରୀ ଇଂ. ସହଦେବ ଖଟୁଆ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସଂଘ ୟୁଟିଆ ଉପଦେଷ୍ଟା ଭାଗବତ ପ୍ରଧାନ ଯୋଗଦେଇ ଭାରତୀ ସଂସ୍କୃତିରେ ଗୁରୁପୂଜାର ମହାନ୍‌ ପରମ୍ପରା ରହିଆସିଛି ବୋଲି କହିଥିଲେ। ଏଥିରେ ବରେଣ୍ୟ ଅତିଥି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ମାନିତ ଅତିଥି ଡ. ବ୍ରଜକିଶୋର ନାୟକ, କୈଳାସ ଚନ୍ଦ୍ର ଜେନା, ବ୍ରହ୍ମାନନ୍ଦ ମହାନ୍ତି, କବି ଉଦୟ କେଶରୀ ବର୍ମା, ମାନସ ରଞ୍ଜନ ପରିଡ଼ା, ନିରୁପମା ନାୟକ ପ୍ରମୁଖ ଯୋଗଦେଇ ଗୁରୁପୂଜା ଉତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୫ ଜଣ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ମନୋରଞ୍ଜନ ପଣ୍ଡା ଓ ଡ. ବସନ୍ତ ନନ୍ଦଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। କ୍ଷୀରୋଦ ଜେନା, ସୁନି ଦାଶ, ସଚ୍ଚିଦାନନ୍ଦ କର, ସୁରେନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ଜେନା, ସୁକୁମାର ବିଶ୍ୱାଳ, ଗୀତାଞ୍ଜଳି ରାଉତ, ଅପର୍ଣ୍ଣା ରାଉତ, ମଧୁସ୍ମିତା ମିଶ୍ର, ବିମଳ ଦାଶ, ସନାତନ ନାୟକ ଛବିରାମ ସେଠୀ ପ୍ରମୁଖ କବିତା ପାଠ କରିଥିଲେ। ଆଦିତ୍ୟ ରଞ୍ଜନ ଦାସ ଓ ଭବାନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମହେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ରାଜେଶ ରଞ୍ଜନ ଷଡ଼ଙ୍ଗୀ ଆତ୍ମା ଅଧ୍ୟକ୍ଷ

**ମଙ୍ଗୁଳି-ଜଗତପୁର,୨୨।୩(ଡି.ଏନ୍‌.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଆତ୍ମାର ଅଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି। ଏହି ଅବସରରେ ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଆତ୍ମା କମିଟିର ୨୪ଜଣ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ରାଜେଶଙ୍କୁ ଅଧ୍ୟକ୍ଷ ଭାବେ ବିଧାୟକ ମନୋନୀତ କରିଥିଲେ। ପରେ ରାଜେଶଙ୍କୁ ଶୋଭାଯାତ୍ରାରେ କୃଷି ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ସେ ଆତ୍ମାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ଶ୍ରେୟ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ବେହେରାଙ୍କୁ ଦେବା ସହ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍‌ ଧୀରେନ୍ଦ୍ର ଜେଠି, ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ସୁପ୍ରିୟା ଜେଠି, ଜନ୍ମେଜୟ ଖିଲାର, ନରେନ୍ଦ୍ର ରାଉତରାୟ, ତାପସ ସାହୁ, ଯୁବ ସଙ୍ଗଠକ କୃଷ୍ଣଚନ୍ଦ୍ର ଦାସ, ଗୋବିନ୍ଦ ଦାସ, ସ୍ଥାନୀୟ ସରପଞ୍ଚ ଭରତ ବେହେରା, ସୁବୋଧ ସାମଲ ଓ ନିବାସ ପାଣ୍ଡଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ।


ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା, ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟମାନେ।

# ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କର

**କଟକ ଅଫିସ,୨୨।୩**

ରେଭେନ୍‌ଶା କଲିଜିଏଟ ସ୍କୁଲ ପରିସରରେ ୩ ଦିନିଆ କଟକ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଷ୍ଟଡି କମ୍‌ ଟ୍ରେନିଂ କ୍ୟାମ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଭାବେ ବିନିମୟ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ସୋନାମିକା ରାୟ, ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ, ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ ଯୋଗଦେଇ ଶିବିରାର୍ଥୀମାନଙ୍କୁ ମୂଲ୍ୟବାନ ଉପଦେଶ ଦେବାସହ କ୍ୟାମ୍ପର ସଫଳତା କାମନା କରିଥିଲେ।



ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଷ୍ଟଡି କମ୍‌ ଟ୍ରେନିଂ କ୍ୟାମ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍‌ କ୍ୟାମ୍ପ ଉଦ୍‌ଘାଟିତ**

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସଂଗଠନ ସମ୍ପାଦିକା ଡ. ଅନୁସ୍ମିତା ସ୍ୱାଇଁ ସ୍ୱାଗତ ଭାଷଣ, ଖାନ୍‌ନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ଜୁନିୟର ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ରେଡ୍‌କ୍ରସ ଅଧିକାରୀ ମିହିର କୁମାର ପରିଡ଼ା ବିବରଣୀ ପ୍ରଦାନ କରି ସ୍ୱାସ୍ଥ୍ୟ ଓ ସମାଜ ସେବାରେ ଜୁନିୟର ରେଡ୍‌କ୍ରସ୍‌ର ଉତ୍ସର୍ଗୀକୃତ ସେବା ଉପରେ ଆଲୋକପାତ କରିଥିଲେ। ରିସୋର୍ସ ପର୍ଶନ ଭାବରେ ଜୁନିୟର ରେଡ୍‌କ୍ରସର ବରିଷ୍ଠ କର୍ମକର୍ତ୍ତା ଶରତ ଚନ୍ଦ୍ର ପତି, ରଞ୍ଜନ କୁମାର ଲେଙ୍କା, ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ଦାଶ, ପାର୍ଥସାରଥୀ ମଲ୍ଲିକ, ପରେଶ କୁମାର ମଲ୍ଲ, ହିରଣ୍ମୟୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ସହସମ୍ପାଦକ ଦିଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ବିଭିନ୍ନ ବ୍ଲକରୁ ଜୁନିୟର ରେଡ୍‌କ୍ରସ କାଉନ୍‌ସେଲରମାନେ ଯୋଗଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୩।୨୦୨୩

| | |
|---|---|
| ୪,୯୦,୦୯୧ ଟଙ୍କା | |
| ସୁନା | ୪୦୦ ଗ୍ରାମ୍ |
| ରୁପା | ମିଳିନାହିଁ |



ସିପସରୁବାଲିରେ ହେବାକୁ ଥିବା ବଙ୍ଗାଳୀ ଅତିଥିଭବନର ଜମିକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁଧ୍ୟାନ କରୁଛନ୍ତି।



ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ମମତା ବାନାର୍ଜୀ ଆଲୋଚନା କରୁଛନ୍ତି।



ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ମମତା ବାନାର୍ଜୀ ଫେରୁଛନ୍ତି।

# ଅତିଥି ଭବନ ପାଇଁ ନବୀନଙ୍କୁ କୃତଜ୍ଞତା ଜଣାଇଲେ ମମତା

**ପୁରୀ ଅଫିସ,୨୨।୩**

- ସେବାୟତଙ୍କୁ ନିଜେ ବାଢ଼ିଲେ ମହାପ୍ରସାଦ
- ଦିଦିଙ୍କୁ ନିକଟରେ ଦେଖି ଖୁସି ହେଲେ ଶ୍ରଦ୍ଧାଳୁ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତେବେ ମମତାଙ୍କ ଦର୍ଶନ ସମ୍ପର୍କରେ ତାଙ୍କ କୌଳିକ ଗୁରୁ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ମମତା ବାନାର୍ଜୀ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନ ରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀମନ୍ଦିର ବେଢ଼ା ବୁଲିବା ସହ ଧ୍ୱଜା ବନ୍ଧା ଦେଖିଲେ। ତାଙ୍କ ନାମରେ ଧ୍ୱଜା ବାନା ଶ୍ରୀନୀଳଚକ୍ରରେ ଲାଗିଥିଲା। ଏହି ଅବସରରେ ସେ ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନ କରିବାକୁ ଦେଇଥିଲେ। ବ୍ରାହ୍ମଣମାନଙ୍କୁ ଦକ୍ଷିଣା ମଧ୍ୟ ଦେଇଥିଲେ। ସେହିପରି ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ଓ ତାଙ୍କ ଦଳ ଭଲ ପ୍ରଦର୍ଶନ ଯେପରି କରିବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅପରପକ୍ଷେ ପୁରୀରେ ବଙ୍ଗାଳି ଅତିଥି ଭବନ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଜମି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ସିପସରୁବାଲିରେ ହେବାକୁ ଥିବା ଅତିଥି ଭବନ ପାଇଁ ଜମିକୁ ମମତା ବାନାର୍ଜୀ ଯାଇ ଅନୁଧ୍ୟାନ କରିଥିବା ମହାପାତ୍ର କହିଛନ୍ତି। ସେହିପରି ମମତା ବାନାର୍ଜୀଙ୍କ କୌଳିକ ପଣ୍ଡା ତଥା ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଳତି କରି ମମତା ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ବ୍ରାହ୍ମଣମାନଙ୍କୁ ନିଜ ହାତରେ ମହାପ୍ରସାଦ ବାଢ଼ିଥିଲେ। ଏଥିସହ ସେ ମଧ୍ୟ ମହାପ୍ରସାଦ ସେବନ କରିଥିଲେ। ଏହି ଅବସରରେ ମମତା ବାର୍ନାଜୀ ଶ୍ରୀମନ୍ଦିର ଆସିଥିବା ନେଇ ଖାତାରେ ଦସ୍ତଖତ କରିଛନ୍ତି। ସେହିପରି ପୁରୀରେ ଏକ ବଙ୍ଗଳୀ ଅତିଥି ଭବନ ନିର୍ମାଣ ନେଇ ମମତାଙ୍କ ବହୁ ଦିନରୁ ଆଶା ଥିଲା। ରାଜ୍ୟ ସରକାର ଯୋଗାଇ ଦେଇଥିବା ଜାଗା ତାଙ୍କର ମନ ପସନ୍ଦ ହୋଇଛି।



ସେବାୟତ ସଂଘ ପକ୍ଷରୁ ମମତା ବାନାର୍ଜୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଉଛି।

ମମତା ବାର୍ନାଜୀଙ୍କ ନାମରେ ଧ୍ୱଜା ବାନ୍ଧିଥିବା ଶ୍ରୀମନ୍ଦିର ଚୂନରା ସେବକ ନରସିଂହ ମହାପାତ୍ରଙ୍କ କହିବା ଅନୁଯାୟୀ, ମମତା ବାର୍ନାଜୀ ଦେଶ, ପଶ୍ଚିମବଙ୍ଗବାସୀଙ୍କ ମଙ୍ଗଳ କାମନା କରି ନୀଳଚକ୍ରରେ ଧ୍ୱଜା ବାନ୍ଧିଛନ୍ତି। ତେବେ ଶ୍ରୀମନ୍ଦିରର ଲକ୍ଷ୍ମୀ ମନ୍ଦିର ପାଖରେ ପତିତପାବନ ବାନା ଦେଇ ସଂକଳ୍ପ କରାଇଥିଲେ। ପରେ ସେ ନରସିଂହଙ୍କୁ ସାନ ଭାଇ ବୋଲି ସମ୍ବୋଧନ କରିଥିଲେ। ପରେ ନୃସିଂହ ଶ୍ରୀମନ୍ଦିର ଉପରକୁ ଯାଇ ନୀଳଚକ୍ରରେ ୧୪ହାତିଆ ହଳଦିଆ ରଙ୍ଗର ବାନା ବାନ୍ଧିଥିଲେ। ତେବେ ଧ୍ୱଜା ବନ୍ଧାକୁ ମମତା ଦେଖିଥିବା ବେଳେ ନରସିଂହ ତଳକୁ ଆସି ତାଙ୍କୁ ଏକ ପତିତପାବନ ବାନା ଦେଇଥିଲେ। ଅନ୍ୟପଟେ ମମତା ବାନାର୍ଜୀଙ୍କୁ ଦେଖିବା ପାଇଁ ରାସ୍ତା ଓ ଶ୍ରୀମନ୍ଦିର ନିକଟରେ ଅନେକ ଲୋକ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଏପରିକି ଅନେକ ବଙ୍ଗାଳୀ ପର୍ଯ୍ୟଟକ ମଧ୍ୟ ଅପେକ୍ଷା କରିଥିଲେ। ଏ ନେଇ ଜଣେ ବଙ୍ଗାଳୀ ଶ୍ରଦ୍ଧାଳୁ ସ୍ନିଗ୍ଧା ମୁଖାର୍ଜୀ କହିଛନ୍ତି, କୋଲକାତାରୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପଶ୍ଚିମବଙ୍ଗର ମା'ଭାବେ ପରିଚିତ ମମତା ବାନାର୍ଜୀଙ୍କୁ ଦେଖି ବହୁତ ଭଲ ଲାଗିଲା। ସେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ମମତା ବାନାର୍ଜୀ ଆସୁଥିବା ଶୁଣି ଅଟକି ଯାଇଥିଲେ। ବାଇଶି ପାହାଚରେ ସେ ମମତା ଦିଦିଙ୍କ ସହ ଦେଖା ହୋଇ ଖୁସି ହୋଇଥିଲେ।

## ନିର୍ମାଣାଧୀନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କଲେ ସଞ୍ଜୟ

**ପୁରୀ ଅଫିସ,୨୨।୩**

ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବୁଧବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ନିଆଳପୁର ପଞ୍ଚାୟତ ଗସ୍ତ କରିଗୋବିନ୍ଦପୁର ଗ୍ରାମରେ ନିର୍ମାଣାଧୀନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହାପରେ ନିଆଳପୁରଠାରେ ନିର୍ମାଣାଧୀନ ପଞ୍ଚାୟତ ଭବନ ଏବଂ ମାବସନ୍ତାଇଙ୍କ ପାଖରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଦାସବର୍ମା କହିଛନ୍ତି, ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଭଳି କଠିନ ପରିସ୍ଥିତିକୁ ମୁକାବିଲା ଓ ସୁରକ୍ଷା ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଭଳି ଯୋଜନା ସମ୍ଭବ ହୋଇପାରିଛି। ସମୀକ୍ଷା ସମୟରେ ଜିଲା ପରିଷଦଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ଦଳାଇ ଓ ନିଆଳପୁର ପଞ୍ଚାୟତ ସମିତିସଭ୍ୟ ସୁକଦେବ ପଟ୍ଟନାୟକଙ୍କ ସମେତ ଉଭୟ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।

## ଚଢ଼ାଉରେ ୪ ବାଲି ବୋଝେଇ ଟ୍ରାକ୍ଟର ଜବତ

### ୪୦ ହଜାର ଜରିମାନା ଆଦାୟ

**ନିମାପଡ଼ା,୨୨।୩(ଡି.ଏନ୍.ଏ.):** ନିମାପଡ଼ା ରାଜସ୍ୱ ବିଭାଗ ଚଢ଼ାଉରେ ବୁଧବାର ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ବାଲି ବୋଝେଇ ଟ୍ରାକ୍ଟର ମାଲିକ ଓ ଚାଳକଙ୍କଠାରୁ ରାଜସ୍ୱ ବିଭାଗ ଅଧିକାରୀ ମୋଟ ୪୦ ହଜାର ୪୨୦ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି। ସୂଚନା ମୁତାବକ, ନିମାପଡ଼ା ବ୍ଲକ ଅନ୍ତର୍ଗତ ଡେଣୁଅାଁ ପଞ୍ଚାୟତର କୁଶଭଦ୍ରା ନଦୀର ନାକଡିହ ଗ୍ରାମ ନିକଟ ବାଲିଘାଟରୁ ୪ ଟ୍ରାକ୍ଟର ବେଆଇନ ବାଲିଚାଲାଣ କରୁଥିଲେ। ଖବରପାଇ ରାଜସ୍ୱ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ଗୋଟିଏ ଟ୍ରାକ୍ଟର ପିଛା ୧୦ ହଜାର ୧୦୫ ଟଙ୍କା ଜରିମାନା ଆଦାୟ ହୋଇଛି। ଅତିରିକ୍ତ ତହସିଲଦାର୍ ଚନ୍ଦ୍ରଶେଖର ବାରିକ୍, ସୁପରଭାଇଜର ସତ୍ୟବାଦ ପଲେଇ, ଅଣ୍ଡିଆ ସର୍କଲ ସହକାରୀ ରାଜସ୍ୱ ନିରୀକ୍ଷକ ଦିଲୀପ ସାହୁ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ। କୁଶଭଦ୍ରା, ଭାର୍ଗବୀ ନଦୀଘାଟରୁ ବେଆଇନ ବାଲି ଉଠାଇ ବାଲିଚାଲାଣ କରୁଥିବା ଜେସିବି, ଟ୍ରକ, ହାଇୱା, ଟ୍ରାକ୍ଟର ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିମାପଡ଼ା, ବଳଙ୍ଗା ଅଞ୍ଚଳବାସୀ ତହସିଲଦାରଠାରେ ଦାବି କରିଛନ୍ତି।

## ଅସହାୟା ମହିଳାଙ୍କ ଚିକିତ୍ସା କଲେ ପୋଲିସ, ଏନ୍ଏସି କର୍ମଚାରୀ

**ନିମାପଡ଼ା,୨୨।୩(ଡି.ଏନ୍.ଏ.):** ନିମାପଡ଼ା ଡେଲି ପରିବା ମାର୍କେଟ ରାସ୍ତାକଡ଼ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ଅସହାୟା, ମାନସିକ ବିକୃତ ମହିଳାଙ୍କୁ ନିମାପଡ଼ା ପୋଲିସ ଓ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବୁଧବାର ଉଦ୍ଧାର କରିଛନ୍ତି। ନିମାପଡ଼ା ଏସ୍ଆଇ ତଅପୋଇ ନାୟକ, ଏଏସ୍ଆଇ ଗଙ୍ଗାଧର ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ନିମାପଡ଼ା ଆଥ୍ଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟ ସାମାନ୍ୟ ସୁସ୍ଥ ହେବା ପରେ ତାଙ୍କୁ ନିମାପଡ଼ା ପୋଲିସ ସ୍ଥାନୀୟ ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ସଂସ୍ଥାରେ ଛାଡ଼ିଥିଲେ। ମହିଳାଙ୍କ ପ୍ରକୃତ ପରିଚୟ ମିଳି ପାରି ନ ଥିବାବେଳେ ତାଙ୍କୁ ପ୍ରାୟ ୪୦ ବର୍ଷ ଓ ସେ ଅଣଓଡ଼ିଆ ବୋଲି ଜଣାପଡିଛି। ସେ ବିଶେଷ କିଛି କହି ପାରୁ ନ ଥିବାବେଳେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି। ପୋଲିସ ଏବଂ ଏନ୍ଏସି କର୍ମଚାରୀଙ୍କ ଏଭଳି କାର୍ଯ୍ୟ ଯୋଗୁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

# ପାରିବାରିକ ନାଟକ 'ପୁନରାବୃତ୍ତି' ମଞ୍ଚସ୍ଥ

**ପୁରୀ ଅଫିସ,୨୨।୩**

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ୧୩ତମ ଜାତୀୟ ନାଟକ ମହୋତ୍ସବ ୨୦୨୩ ବୁଧବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଓଲିଉଡ ଅଭିନେତ୍ରୀ ତନ୍ଦ୍ରା ରାୟ, ବେଦାନ୍ତ ଲିଃର ସଭାପତି ତପନ କୁମାର ଚାନ୍ଦ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଅଭିନେତ୍ରୀ ତୃପ୍ତି ଦାଶ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ବରିଷ୍ଠ କଳାକାର ପ୍ରଶନ୍ନ ମିଶ୍ର ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ରଙ୍ଗଶାଳା ମହୋତ୍ସବକୁ ଦୀର୍ଘ ୧୩ ବର୍ଷ ଧରି ଆୟୋଜନ କରି ଆସୁଥିବାରୁ ଅତିଥିମାନେ ଆୟୋଜକମାନଙ୍କୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ପ୍ରଥମ ଦିବସରେ ରଙ୍ଗଶାଳା ପକ୍ଷରୁ ନାଟକ ପୁନରାବୃତ୍ତି ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ନାଟକର ରଚନା ବିଜୟ ମହାନ୍ତି କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ବିକ୍ରମ ସାହୁ।

କଥାରେ ଅଛି ଅର୍ଥରୁ ଅନର୍ଥ ଘଟେ। ଏହିପରି ପାରିବାରିକ ଏକ କାହଣୀର ଶୀର୍ଷକକୁ ନେଇ ନାଟକ 'ପୁନାରାବୃତ୍ତି' ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ହୀରା ବ୍ୟବସାୟୀ ଶିଳ୍ପପତି ଅରବିନ୍ଦ ଦାସଙ୍କର ୨ଟି ପୁଅ ଝିଅ। ପୁଅ ଅବିନାଶ ଦାସ , ଝିଅ ବର୍ଷା ଦାସ। ସମୟାନୁକ୍ରମେ ଅରବିନ୍ଦଙ୍କ ପୁଅ ଅବିନାଶ ବିଦେଶରେ ପାଠ ପଢ଼ିବାକୁ ଇଚ୍ଛା କରେ। ଏଣୁ ଅବିନାଶ, ଅରବିନ୍ଦ, ବର୍ଷା ଲଣ୍ଡନ ଯାଆନ୍ତି। କିଛି ଦିନ ଅନ୍ତେ ବ୍ୟବସାୟୀଙ୍କ କାର୍ଯ୍ୟ ନେଇ ଅରବିନ୍ଦ ନିଜ ସହରକୁ ଫେରିଆସନ୍ତି। ବର୍ଷା, ଅବିନାଶ ଲଣ୍ଡନରେ ଥାଆନ୍ତି। ନିୟତିର ନିଷ୍ଠୁର ପାଖରେ ହଠାତ୍ ଅବିନାଶ ଏକ ଅଜଣା ରୋଗରେ ଆକ୍ରାନ୍ତ ହୁଏ ଏବଂ ଲଣ୍ଡନର ସିଟି ହସ୍ପିଟାଲରେ ଭର୍ତ୍ତି ହୁଏ। ସେତିକି ବେଳେ ଅରବିନ୍ଦଙ୍କର ସମ୍ପତ୍ତିର ଅଧିକାରିଣୀ ହେବାକୁ ବର୍ଷା ମନରେ ଲୋଭ ସୃଷ୍ଟି ହୁଏ। ସେ ଅବିନାଶକୁ ନିଜ ରାସ୍ତାରୁ ହଟାଇବାକୁ ଚିନ୍ତା କରେ। କିଛି ଦିନ ପରେ ଲଣ୍ଡନରେ ଯୁଦ୍ଧରେ ବିଭୀଷିକା ସୃଷ୍ଟି ହୁଏ। ଏହାର ସୁଯୋଗ ନେଇ ବର୍ଷା ନିଜ ଭାଇ ଅବିନାଶକୁ ବିଷ ଦେଇ ମାରିଦିଏ ଏବଂ ନିଜ ସହରକୁ ଫେରିଆସି ଭାଇ ମରିଯାଇଛି ବୋଲି ବାପାଙ୍କୁ କୁହେ। ରହସ୍ୟମୟ ଘଟଣାର ପର୍ଦ୍ଦାଫାଶ କରିବାକୁ ହଠାତ୍ ଅବିନାଶ ପରି ଦେଖାଯାଉଥିବା ଜଣେ ଯୁବକ ବର୍ଷା ନିକଟରେ ପହଞ୍ଚେ। ପରେ ଅସହାୟତା ମୁହୂର୍ତ୍ତରେ ନିଜେ ସ୍ୱୀକାର କରେ ଯେ, ଅବିନାଶର ମୃତ୍ୟୁପାଇଁ ସେ ହିଁ ଦାୟୀ। ଏହିପରି ଏକ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ ପୁନରାବୃତ୍ତି। ଉକ୍ତ ନାଟକକୁ ଉପସ୍ଥିତ ଦର୍ଶକ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ନାଟକ 'ପୁନରାବୃତ୍ତି'ର ଏକ ଦୃଶ୍ୟ।

## ମହାପ୍ରଭୁଙ୍କ ବନକ ଲାଗି ନୀତି

**ପୁରୀ ଅଫିସ,୨୨।୩**

ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଏହି ଗୁପ୍ତ ନୀତିକୁ ଦଉମହାପାତ୍ର ସେବକମାନେ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧାରଣ ଦର୍ଶନ ବନ୍ଦରହିଥିଲା। ଦଉମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା। ବୁଧବାର ଅପରାହ୍ନ ୪ଟା ୫୦ ମିନିଟ୍‌ରେ ଦଉ ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ବନକ ଲାଗି ନୀତି ଆରମ୍ଭ କରିଥିଲେ। ରାତି ୭ଟା ୪୫ମିନିଟ୍‌ରେ ନୀତି ସମ୍ପନ୍ନ କରି ଦଉମହାପାତ୍ର ସେବକମାନେ ଶ୍ରୀମନ୍ଦିରରୁ ବାହାରିଥିଲେ। ବନକ ଲାଗି ସମ୍ପନ୍ନ ହେବା ପରେ ରାତ୍ର ୮ଟା୨୦ରେ ଶ୍ରୀବିଗ୍ରହଙ୍କ ଗଭା ମଇଲମ କରାଯାଇ ମହାସ୍ନାନ ନୀତି କରାଯାଇଥିଲା। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢିଥିଲା।

# ଜାଗୃତି ମହୋତ୍ସବର ପ୍ରଥମ ସନ୍ଧ୍ୟା




ଜାଗୃତି ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ପିପିଲି,୨୨।୩(ଡି.ଏନ୍.ଏ./ସ୍ୱ.ପ୍ର.)**

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଅବସରରେ ୩ ଦିନିଆ ଜାଗୃତି ମହୋତ୍ସବ ସ୍ଥାନୀୟ ଶ୍ରୀରାମ ନଗରୀଠାରେ ଆରମ୍ଭ ହୋଇଛି। ଜାଗୃତି ସାଂସ୍କୃତିକ ଅନୁଷ୍ଠାନ ସଭାପତି ପ୍ରଭାତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ନରେନ୍ଦ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୃଷ୍ଟିଧର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ ଏବଂ ସାମାଜିକ କର୍ମୀ ଧରଣୀଧର ସାହୁ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ମହତ୍ତ୍ୱ ବିଷୟରେ ଉପସ୍ଥିତ ଶ୍ରୋତାଙ୍କୁ ଧାରଣା ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଚିତ୍ତାକର୍ଷକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସମ୍ପାଦକ ବିଭୁତି ସାମନ୍ତରାୟ ଏବଂ ସଙ୍ଗୀତ ଗୁରୁ ଡ. ସଚ୍ଚିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ମୌଳିକ ସାକ୍ଷରତା କର୍ମଶାଳା

**ପିପିଲି,୨୨।୩,(ଡି.ଏନ୍.ଏ.):** ବ୍ଲକସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଧାରିତ ପ୍ରାରମ୍ଭ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୮ଟି କ୍ଲଷ୍ଟରର ୧୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ, ପ୍ରଶିକ୍ଷାର୍ଥୀ ଏବଂ ୮ଜଣ ସାଧନ କର୍ମୀଙ୍କୁ ନେଇ ୪ଦିନିଆ କର୍ମଶାଳା ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବ୍ଲକର ଏବିଏଫ୍‌ଓ କମ୍ ବିଆର୍‌ସିସି ସାହେବ ପାତ୍ର ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଆଇଡିଆଇଇଟି ପୁରୀ ତରଫରୁ ପିପିଲି ବ୍ଲକ ଦାୟିତ୍ୱରେ ଥିବା ଟିଚର ଏଜୁକେଟର ସ୍ମିତା ପରିଡା ଓ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ ଏବଂ ବ୍ଲକ ସହ ଶିକ୍ଷାଧିକାରୀବୃନ୍ଦ କର୍ମଶାଳାର ତଦାରଖ କରିଥିଲେ। ଜି.ଏମ୍.ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନନ୍ଦ କର୍ମଶାଳାରେ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେଇଥିଲେ। ଶେଷରେ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାର ସଂକଳ୍ପ ନେଇଥିଲେ ।

# ପଶୁଙ୍କ ପ୍ରତି ଅତ୍ୟାଚାର ରୋକିବା ସମସ୍ତଙ୍କ ଦାୟିତ୍ୱ

**ପୁରୀ ଅଫିସ,୨୨।୩**

ମଣିଷ ଭଳି ପଶୁମାନେ ମଧ୍ୟ ଈଶ୍ୱରଙ୍କ ସୃଷ୍ଟି। ସେମାନଙ୍କର ପ୍ରତି କ୍ରୁର ଆଚରଣ ଓ ଅତ୍ୟାଚାର ସଭ୍ୟ ସମାଜ ପାଇଁ ଅଶୋଭନୀୟ। ତେଣୁ ପଶୁଙ୍କ ପ୍ରତି ଅତ୍ୟାଚାର ରୋକିବା ସମସ୍ତଙ୍କ ଦାୟିତ୍ୱ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ବୁଧବାର ସଂସ୍କୃତି ଭବନ ପରିସରରେ ଜିଲା ମୁଖ୍ୟ ପଶୁ ଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ପଶୁମାନଙ୍କ ପ୍ରତି ନିର୍ଯାତନା ପ୍ରତିରୋଧ ଆଇନ ୧୯୬୦ ଓ ନିୟମ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହୁ ଯୋଗଦେଇ ଜୀବେ ଦୟା ସମସ୍ତଙ୍କର ଧେୟ ହେବା ଉଚିତ ବୋଲି କହିବା ସହ ବିଭିନ୍ନ ଉଦାହରଣ ମାଧ୍ୟମରେ ନିରାମିଷାଶୀ ବା ତୃଣଭୋଜୀ ପଶୁଙ୍କ ଦକ୍ଷତା, ଶକ୍ତି ଓ କାର୍ଯ୍ୟ କ୍ଷମତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପଶୁ ମଣିଷ ସମାଜର ଅନେକ ହିତ ସାଧନ କରି ମାନବୀୟ ମୂଲ୍ୟବୋଧର ପରିଚୟ ଦେଉଥିବା ବେଳେ ଆମେ ମଣିଷମାନେ ଅନେକ କ୍ଷେତ୍ରରେ ପଶୁଠାରୁ ମଧ୍ୟ ହୀନ ଆଚରଣ ପ୍ରଦର୍ଶନ କରୁଛନ୍ତି। ପଶୁଙ୍କ ସୁରକ୍ଷା ଓ ସମବେଦନା ରଖିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ମାନବ ସମାଜ ପ୍ରତି ପଶୁ ପକ୍ଷୀଙ୍କର ଅବଦାନ ଅବର୍ଣ୍ଣନୀୟ। ପୁରାଣର ଉଦାହରଣ ଦେଇ ଦେବଦେବୀମାନେ ପଶୁ ପକ୍ଷୀଙ୍କୁ ଭଲ ପାଇବା ଓ ସୁରକ୍ଷା ପାଇଁ ସେମାନଙ୍କୁ ନିଜର ବାହନ ଭାବେ ଆନ୍ତରିକତା ପ୍ରଦର୍ଶନ କରୁଥିଲେ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ପ୍ରଧାନ ବିସ୍ତୃତ ଆଲୋଚନା କରି ପଶୁଙ୍କ ପ୍ରତି ଅତ୍ୟାଚାରର ନିରାକରଣ, ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲା ପଶୁ ଚିକିତ୍ସା ଅଧିକାରୀ ଡା. କି. ନରେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭି.ଏସ୍. ଡା. ଚିନ୍ମୟୀ ସାହୁ ସଭା ପରିଚାଳନା କରିଥିବା ବେଳେ ଏସ୍‌ଡିଭିଓ ଡା. ଉମେଶ ବେହେରା ଧନ୍ୟବାଦ ଦେଇଥିଲେ।

# ଶିଶୁ, ମାତୃ ମୃତ୍ୟୁହାର ହ୍ରାସରେ ଆଶାକର୍ମୀଙ୍କ ଭୂମିକା ମୁଖ୍ୟ

**ପୁରୀ ଅଫିସ,୨୨।୩**

ଜିଲାସ୍ତରୀୟ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ବୁଧବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଆଶା କର୍ମୀମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗୋଟିଏ ସମୟରେ ହସ୍ପିଟାଲରେ ଡେଲିଭରିର ମାତ୍ରା କମ୍ ଥିଲା। ସେଥିପାଇଁ ଉଭୟ ମା' ଓ ଶିଶୁ ମୃତ୍ୟୁହାର ବଢୁଥିଲା। ଯେଉଁଥିପାଇଁ ବିପଦପୂର୍ଣ୍ଣ ଭାବେ ଘରେ ପ୍ରସବ ଦାୟୀ ଥିଲା। କିନ୍ତୁ ଆଶାକର୍ମୀଙ୍କ ଯୋଗଦାନ ପରେ ସେମାନଙ୍କର ପରିଶ୍ରମରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ସହ ମାତୃ ଓ ଶିଶୁ ମୃତ୍ୟୁହାର ବହୁତ କମିଛି। ସେହିପରି ଗାଁ କଲ୍ୟାଣ ସମିତି ମଧ୍ୟ ସ୍ୱାସ୍ଥ୍ୟସେବାରେ ଯଥେଷ୍ଟ ଅବଦାନ ରଖିଛନ୍ତି ବୋଲି କହିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର ଯୋଗଦେଇ କହିଥିଲେ, ସ୍ୱାସ୍ଥ୍ୟ ସେବା ଜିଲା ପ୍ରଶାସନର ଏକ ମୁଖ୍ୟ ଅଙ୍ଗ। ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିଙ୍କ ସାମୂହିକ ଉଦ୍ୟମ ଫଳରେ ଜିଲାରେ ସ୍ୱାସ୍ଥ୍ୟସେବାରେ ବ୍ୟାପକ ସୁଧାର ଆସିଛି ବୋଲି ସେ କହିଥିଲେ। ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଆଶା କର୍ମୀମାନେ ସାଧାରଣ ବ୍ୟକ୍ତିଙ୍କ ପାଇଁ ଆଶା ଭରସା ପାଲଟିଛନ୍ତି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଲଲାଟେନ୍ଦୁ ମିଶ୍ର, ବିରଜା ଶଙ୍କର ରଥ, ଡିପିଏମଟି ନାରାୟଣ ରାଓ, ସହକାରୀ ମ୍ୟାନେଜର ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୭ଜଣ ଆଶାକର୍ମୀ, ୧୧ଟି ଗାଁ କଲ୍ୟାଣ ସମିତି ଓ ୨୨ଟି ମହିଳା ଆରୋଗ୍ୟ ସମିତିଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଆକାଉଣ୍ଟସ ମ୍ୟାନେଜର ବିଜୟ ନାୟକ ସଭା ପରିଚାଳନା କରିଥିଲେ। ରବୀନ୍ଦ୍ର ପ୍ରଧାନ, ଡିପିଏଚସିଓ ସନ୍ତୋଷ ମିଶ୍ର, ଏପିମ ପ୍ରଶାନ୍ତ ବରାଳ, ଡିଏମଆରସିଏଚ ମନୋଜ ପଣ୍ଡା ସହଯୋଗ କରିଥିଲେ।



ପୁରୀ ଆୟୁର୍ବେଦିକ କଲେଜ ପରିସରରେ ଅନୁଷ୍ଠିତ ଆଶା ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ଆଶାକର୍ମୀମାନେ।

**ଜିଲାସ୍ତରୀୟ ଆଶାକର୍ମୀ ସମ୍ମିଳନୀ**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ବଜାର, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଖଦି ମେଳା, ଖଦି ବୋର୍ଡ ପରିସର, ଅପରାହ୍ନ ୩ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟନୀ ଉତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୩ଟା।
- ଶ୍ରୀ ହନୁମାନ ତ୍ରିବେଣୀ କଥା, ରେଳ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ଅପରାହ୍ନ ୪ଟା।
- ରେନ୍‌ବୋ ଉତ୍ସବ, ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟ, ସନ୍ଧ୍ୟା ୫ଟା ୩୦।
- ଜାନକୀ ବଲ୍ଲଭ ସ୍ମୃତି କମିଟି ପ୍ରସ୍ତୁତି ବୈଠକ ଓ ଉତ୍କଳ ଧନ୍ୱନ୍ତରୀ ସମ୍ମାନ ପ୍ରଦାନ ଉତ୍ସବ, ହୋଟେଲ ପାର୍କ ଆଭିନ୍ୟୁ, ସନ୍ଧ୍ୟା ୬ଟା।
- ବୟସର ଅନ୍ତେ ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ-୨୦୨୩, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶୀ ସଙ୍ଗୀତ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ୧୦ମ ସମ୍ମାନୀ ପୁରସ୍କାର, ଅର୍ଚ୍ଚିଡ୍ ମେ ଫେୟାର, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳଣ, ଭଗବାନପୁର, ସନ୍ଧ୍ୟା ୭ଟା।

**କଟକ**

- ଶହୀଦ ଦିବସ ପାଳନ ସମାରୋହ ଅବସରରେ ସମୂହ ଦୀପଦାନ, ସ୍ୱର୍ଗଧାମ ପରିସର, ଖାନନଗର, ଅପରାହ୍ନ ୪ଟା।
- ସାରସ୍ୱତ ସାଧକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

# ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ବେଗୁନିଆ, ୨୨।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଗ୍ରାମର ପ୍ରଦୀପ ବଳିୟାରସିଂହ (୨୩)। ଏହି ଘଟଣାକୁ ନେଇ ବୁଧବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ୩ଟି ଗାଡ଼ି ଜାଳିଦେବା ସହ ୩ଟି ଗାଡ଼ି ଭାଙ୍ଗିଦେଇଛନ୍ତି। ଏଥିସହ ପୋଲିସ ଓ ଉତ୍ତ୍ୟକ୍ତ ଲୋକ ମୁହାଁମୁହିଁ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ରାତି ୮ଟାରେ ପରିବାର ଏବଂ ସମ୍ପର୍କୀୟ ବେଗୁନିଆ ଥାନା ସମ୍ମୁଖ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଅନ୍ୟପକ୍ଷରେ ମୃତକଙ୍କ ବାପା ହରି ବଳିୟାରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା(ନଂ.୮୪/୨୩) ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ପ୍ରଦୀପ ଶୌଚ ପାଇଁ ଘରୁ ବାହାରି ଯାଇଥିଲେ। ଗାଁ ମୁଣ୍ଡରେ ଥିବା ପ୍ରାୟ ୧୦ଜଣ ମହିଳା ଓ ପୁରୁଷ ପୂର୍ବ ଶତ୍ରୁତାକୁ ନେଇ ପ୍ରଦୀପଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ନିକଟ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ନିର୍ଦ୍ଧୂମ ପିଟିବା ସହ ପଥରରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଛେଚି ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅପରାହ୍ନରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଗୋଟିଏ କାର୍, ଡାଲା ଅଟୋ, ବୋଲେରୋ ଜାଳି ଦେବା ସହ ୨ଟି ବାଇକ୍, ପିକ୍‌ଅପ୍ ଭ୍ୟାନ ଭାଙ୍ଗି ଦେଇଥିଲେ। ଖବରପାଇ ଜିଲାର ୪ ଥାନା ଅଧିକାରୀଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ମୃତଦେହ ସନ୍ଧ୍ୟାରେ ଗ୍ରାମରେ ପହଞ୍ଚିଥିଲା। ରାତି ୮ଟାରେ ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ପରିବାର ଓ ସମ୍ପର୍କୀୟ ବେଗୁନିଆ ଥାନା ସମ୍ମୁଖ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଏସ୍‌ଡିପିଓ ଦିଲୀପ ଦାସ, ବେଗୁନିଆ ତହସିଲଦାର ପ୍ରଧାନ ଟୁଲି ଆମା, ବିଡିଓ ଲକ୍ଷ୍ମୀଧର ସାହୁ, ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ହଜାର ଟଙ୍କା ପ୍ରଦାନ କରାଯିବା ସହ ୧୫ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ୧୦ଟା ୩୦ରେ ରାସ୍ତାରୋକୋ ହଟିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।





### ଉତ୍ତ୍ୟକ୍ତ ଲୋକେ ୩ ଗାଡ଼ି ଜାଳିଦେଲେ

- ଗ୍ରାମରେ ୩ ପ୍ଲାଟୁନ ପୋଲିସ ମୁତୟନ, ୨ ଅଟକ
- ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଢ଼େଇ ଘଣ୍ଟା ରାସ୍ତାରୋକୋ



ପ୍ରଦୀପ ବଳିୟାରସିଂହ

## ପରଲୋକରେ ଅଭିନେତା ସୋମଦତ୍ତ



ଭୁବନେଶ୍ୱର, ୨୨।୩(ବ୍ୟୁରୋ): ଧାରାବାହିକ ଅଭିନେତା ସୋମଦତ୍ତ ଦାସଙ୍କ ବୁଧବାର ପରଲୋକ ଘଟିଛି। ହୃଦ୍‌ଘାତ ଯୋଗୁ ସନ୍ଧ୍ୟା ୬ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୪୮ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ୧୫ରୁ ଅଧିକ ଧାରାବାହିକରେ ଅଭିନୟ କରିଛନ୍ତି। ଧାରାବାହିକ ଜଗତରେ ସେ ଲିଟୁ ଭାଇ ନାମରେ ବେଶ୍ ଜଣାଶୁଣା ଥିଲେ। ଅନେକ ଖଳନାୟକ ଚରିତ୍ରରେ ସେ ବହୁ ସମୟରେ ନଜର ଆସିଥିଲେ। ସିନ୍ଦୂର ବିନ୍ଦୁ, ଦାମିନି, ଦୁହିତା, ଦେବୀ, ଦାସୀ ଭଳି ଧାରାବହିକ ସହ ଅଜବ ସଞ୍ଜୁର ଗଜବ ଲଭ ସିନେମା ମଧ କରିଛନ୍ତି।

# ଓଡ଼ିଶାରେ ଶୁଟିଂ ହେବାରୁ 'ଜ୍ୱିଗାଟୋ' ସହଜରେ ଶେଷହୋଇ ପାରିଲା : ନନ୍ଦିତା

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ଏବେ ବଲିଉଡ ଚଳଚ୍ଚିତ୍ର 'ଜ୍ୱିଗାଟୋ'କୁ ନେଇ ସବୁଠି ଚର୍ଚ୍ଚା। ଚଳଚ୍ଚିତ୍ରଟି ଓଡ଼ିଶାରେ ଶୁଟିଂ ହୋଇଥିବାରୁ ଏହା ରାଜ୍ୟରେ ମଧ ବେଶ୍ ଲୋକପ୍ରିୟତା ପାଇଛି। ବୁଧବାର ଏସ୍‌ପ୍ଲାନେଡଠାରେ 'ମିଟ୍ ଦି ଡାଇରେକ୍ଟର ଅଫ୍ ଜ୍ୱିଗୋଟା' କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ନିର୍ଦ୍ଦେଶିକା ନନ୍ଦିତା ଦାସ ଚଳଚ୍ଚିତ୍ର ବିଷୟରେ କହିଛନ୍ତି, ଚଳଚ୍ଚିତ୍ର ଏକ ସାଧାରଣ ଲୋକର କାହାଣୀ କହୁଛି। ଯେଉଁମାନେ ସହରରେ ରହି ମଧ ଅଦୃଶ୍ୟ ହୋଇ ରହୁଛନ୍ତି। ସବୁବେଳେ ଆମ ଆଖପାଖରେ ଥିଲେ ବି ଆମେ ତାକୁ ଜାଣିପାରୁନାହାନ୍ତି। ଚଳଚ୍ଚିତ୍ର ଏକ ଡେଲିଭରି ବୟ ଉପରେ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ଅନ୍‌ଲାଇନରେ ଖାଦ୍ୟ ମଗାଇ ଖାଇବା ସମସ୍ତଙ୍କର ଏକ ଅଭ୍ୟାସରେ ପରିଣତ ହେଲାଣି। ସକାଳୁ ରାତି ପର୍ଯ୍ୟନ୍ତ ଡେଲିଭରି ବୟ ଆମକୁ ଖାଦ୍ୟ ଯୋଗାଇଥାଏ। ସେମାନେ ବହୁତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ଆମେ ଶୁଣିଛେ ମଧ। ଜଣେ ଡେଲିଭର ବୟ ସାମ୍ନା କରୁଥିବା ଅସୁବିଧା ସହ ତା'ର ଜୀବନର ଚିତ୍ରକୁ ଚଳଚ୍ଚିତ୍ର ମାଧମରେ ସମସ୍ତଙ୍କ ଆଗକୁ ଆଣିବାକୁ ଚେଷ୍ଟା କରିଛି। ସବୁଠୁ ବଡ଼କଥା ହେଲା ଏହା ଓଡ଼ିଶାରେ ଶୁଟିଂ ହୋଇଛି ବୋଲି ଚଳଚ୍ଚିତ୍ର ଶୀଘ୍ର ଓ ସହଜରେ ଶେଷ ହୋଇପାରିଥିଲା। ଚଳଚ୍ଚିତ୍ରରେ ୬ଜଣ ବାହାରର କଳାକାରଙ୍କୁ ଛାଡ଼ିଦେଲେ ବାକି ସବୁ ଓଡ଼ିଶାର। ଚଳଚ୍ଚିତ୍ର ରିଲିଜ ହେବା ପରେ ସୋସିଆଲ ମିଡିଆରେ ବହୁତ ପ୍ରଶଂସା ମିଳିବା ସହ ସେମାନଙ୍କ ପ୍ରତି ସମ୍ମାନ ମିଳିପାରିଛି ବୋଲି ନିର୍ଦ୍ଦେଶିକା ଦାସ କହିଛନ୍ତି।




'ମିଟ୍ ଦି ଡାଇରେକ୍ଟର ଅଫ୍ ଜ୍ୱିଗୋଟା'ରେ ନିର୍ଦ୍ଦେଶିକା ନନ୍ଦିତା ଦାସ ମତ ରଖୁଛନ୍ତି।

## ଅନ୍‌ଲାଇନ୍ ଏସ୍କର୍ଟ ସର୍ଭିସ ନାଁରେ ଠକେଇ, ମହିଳା ଗିରଫ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ଅନ୍‌ଲାଇନ ଏସ୍କର୍ଟ ସର୍ଭିସ ନାଁରେ ଠକେଇ ଅଭିଯୋଗରେ ସାଇବର ଥାନା ପୋଲିସ ସଂପୃକ୍ତ ଫେରାର ମହିଳାଙ୍କୁ ନୟାପଲ୍ଲୀ ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ପୁରୀ ଜିଲାର ଗୀତାଞ୍ଜଳି ପରିଡା। ପୋଲିସ ସୂଚନାନୁସାରେ, ଅଭିଯୋଗକାରୀ ଜଣକ ଗୁଗଲ ସାଇଟ୍‌ରେ ଭୁବନେଶ୍ୱରରେ ଥିବା ଏସ୍କର୍ଟ ସର୍ଭିସ ଠିକଣା ଖୋଜୁ ଥିବା ସମୟରେ ଏକ ଫୋନ ନମ୍ବର ମିଳିଥିଲା । ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ତାଙ୍କୁ ମାଷ୍ଟରକ୍ୟାଣ୍ଟିନ ନିକଟକୁ ଆସି ଦେଖା କରିବାକୁ ମହିଳା ଜଣକ କହିଥିଲେ। ଏହାପରେ ଅଭିଯୁକ୍ତା ମହିଳା ପ୍ରଥମେ ତାଙ୍କୁ ୧୫୦୦ଟଙ୍କା ମାଗିଥିଲେ ଏବଂ ପରେ ସିକ୍ୟୁରିଟି ଚାର୍ଜ ବାବଦକୁ ଅଧିକ ଟଙ୍କା ଦାବି କରି ପର୍ଯ୍ୟାୟକ୍ରମେ ୨୨ ହଜାର ୫୦୦ଟଙ୍କା ଠକି ନେଇଥିଲେ। ଏନେଇ ଜାଣିବା ପରେ ବ୍ୟକ୍ତି ଜଣକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ପ୍ରଥମେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୬୨,୫୦୦ ଟଙ୍କା, ୭୦ଟି ସିମ୍‌କାର୍ଡ, ଏକାଧିକ ବ୍ୟାଙ୍କ ପାସବୁକ ଜବତ କରିବା ସହ ଆକାଉଣ୍ଟରେ ଥିବା ୫ଲକ୍ଷ ଟଙ୍କାକୁ ଫ୍ରିଜ କରିଥିଲେ। ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ସେମାନେ ପୂର୍ବରୁ ୮ଜଣଙ୍କୁ ଠକିଥିବା ଓ ଏଥିରେ ଗୀତାଞ୍ଜଳି ସମ୍ପୃକ୍ତ ଥିବା ତଦନ୍ତବେଳେ ଜଣାପଡିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବ୍ରଜବନ୍ଧୁ



@ ରଞ୍ଜିତ୍




@ ଶିବଶଙ୍କର



@ ସୁଦର୍ଶନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏଣ୍ଡୁଅ ଧରି ବୁଲୁଥିବା ଯୁବକଙ୍କୁ କାବୁକଲା ପୋଲିସ



ଭୁବନେଶ୍ୱର, ୨୨।୩(ବ୍ୟୁରୋ): ରାଜଧାନୀରେ ଏଣ୍ଡୁଅ ଧରି ବୁଲୁଥିବାବେଳେ ଜଣେ ଯୁବକଙ୍କୁ ମୈତ୍ରୀ ବିହାର ଥାନା ପୋଲିସ କାବୁ କରିଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏକ ପେଟ୍ରୋଲ ପମ୍ପ ସାମ୍ନାରେ ଛିଡା ହୋଇଥିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲା। ଉକ୍ତ ଏଣ୍ଡୁଅକୁ ସେ ଏକ ଦୋକାନରୁ କିଣି ୩ ବର୍ଷ ହେବ ପାଳୁଥିବା କହିଥିଲେ। ଏହାର ନାଁ ଇଗୁଆନା ବୋଲି ଜଣାପଡିଛି। ତେବେ ଏହା ଚୋରାଚାଲାଣ ନୁହେଁ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯିବା ସହ ଘଟଣା ବାବଦରେ ବନ ବିଭାଗକୁ ଖବର ଦିଆଯାଇ ସଂପୃକ୍ତ ଯୁବକଙ୍କୁ ଛାଡି ଦିଆଯାଇଛି।

# ଜୀବନ, ଜଳ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ରାଜୀବ ଭବନସ୍ଥିତ ରାଜ୍ୟ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜୀବନ ଓ ଜଳ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ଜଳକୁ ନେଇ ସାଗର ସୃଷ୍ଟି। ଜଳବାୟୁ ପରିବର୍ତ୍ତନ, ଅସମୟରେ ବର୍ଷା, ଅସନ୍ତୁଳିତ ମୌସୁମୀ ବର୍ଷା ଯୋଗୁ ଆମେ ଆବଶ୍ୟକ କରୁଥିବା ଜଳର ଅଭାବ ରହୁଛି। ଜଳ ସମ୍ପଦର ସୁରକ୍ଷା କରି ଜଳସେଚନ ଓ ଅନ୍ୟାନ୍ୟ ବ୍ୟବହାରିକ ଆବଶ୍ୟକତା ପୂରଣ ପାଇଁ ଜଳ ସମ୍ପଦ ବିଭାଗ ଅହରହ ଉଦ୍ୟମ କରିଆସୁଛି। ଜୀବନ ଜୀବିକା ପାଇଁ ସମସ୍ତଙ୍କ ନିମନ୍ତେ ଜଳର ଆବଶ୍ୟକତା ଲକ୍ଷ୍ୟ ପୂରଣ ନିମନ୍ତେ ବିଭାଗର ସମସ୍ତ ପ୍ରୟାସ ଜାରି ରହିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଚଳିତବର୍ଷ ବିଶ୍ୱ ଜଳ ଦିବସର ପ୍ରସଙ୍ଗ ରହିଥିଲା, ସ୍ୱଚ୍ଛ ଜଳର ଉପଲବ୍ଧତା ନେଇ ରହିଥିବା ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ପାଇଁ ଦ୍ରୁତ ପରିବର୍ତ୍ତନ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗର୍ଗ ଯୋଗଦେଇ କହିଲେ, ଜଳ ସମ୍ପଦର ସୁରକ୍ଷା ଓ ସୁପରିଚାଳନା କ୍ଷେତ୍ରରେ ରୂପାନ୍ତରଣ ଲକ୍ଷ୍ୟ ରହିଛି। ଏଥିପାଇଁ ବିଭାଗରେ 5-ଟି ଉପକ୍ରମ ଓ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଜଳ ସଂରକ୍ଷଣ ଓ ଜଳସେଚନ ଆବଶ୍ୟକତା ପୂରଣ ଦିଗରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ଜଳ ସଂରକ୍ଷଣକୁ ଦୃଷ୍ଟି ଦେଇ ବିଭାଗ ଜରିଆରେ ୬୬ଟି ଆନ୍ତଃନଦୀ ଜଳାଶୟ ନିର୍ମାଣ କରିବାକୁ ତ୍ୱରିତ ପଦକ୍ଷେପ ନିଆଯାଇଥିବା ଗର୍ଗ ପ୍ରକାଶ କରିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶିଲ କୁମାର ଲୋହାନୀ, ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ୟୁନିସେଫର ରାଜ୍ୟ ମୁଖ୍ୟ ଡ. ମିନା ସୋମ, ଓଡିଶା ଉଠା ଜଳ ସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗ ଦ୍ୱାରା ପ୍ରକାଶିତ ଜଳ ଯୋଗାଯୋଗ ରଣନୀତି ପୁସ୍ତକ 'ଉର୍ମି' ଉନ୍ମୋଚିତ ହୋଇଥିଲା। ବିଭାଗରେ ଇଞ୍ଜିନିୟରଙ୍କ ଅବସ୍ଥିତି ଓ କାର୍ଯ୍ୟାବଳୀ ସମ୍ପର୍କିତ ବିଭିନ୍ନ ତଥ୍ୟକୁ ସମନ୍ୱିତ କରିବା ପାଇଁ ୱେବ୍ ସକ୍ଷମଯୁକ୍ତ ବ୍ୟବସ୍ଥା 'ୱାଟର ଡକ୍ସ' ଓ 'ପିନସିସ' ଭଳି ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଭିତ୍ତିକ ଡାଟାବେସର ଶୁଭାରମ୍ଭ କରାଯାଇଥିଲା। ସେହିପରି ଜଳ ଶକ୍ତି ଅଭିଯାନ-ପୁସ୍ତିକା ୨.0 ମଧ ଉନ୍ମୋଚିତ ହୋଇଛି। ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଜଳର ଉପଯୋଗିତା ସମ୍ପର୍କରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।




### ଜଳ ସମ୍ପଦ ବିଭାଗରେ ଜଳ ଦିବସ

- 'ଜଳ ଯୋଗାଯୋଗ ରଣନୀତି' ପୁସ୍ତକ ପ୍ରକାଶନ
- ୱାଟର ଡକ୍ସ ଓ ପିନ୍‌ସିସ୍‌ର ଶୁଭାରମ୍ଭ

# ଅଟୋରୁ ୫.୮୪ ଲକ୍ଷ ଟଙ୍କା, ୨୨ କେଜି ଗଞ୍ଜେଇ ଜବତ: ୩ ବେପାରୀ ଗିରଫ

**ଜଟଣୀ, ୨୨।୩(ଡି.ଏନ୍.ଏ.)**

ଜଟଣୀ ଥାନା ପୋଲିସ ବୁଧବାର ହରିଭାଇନା ଛକ ନିକଟ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚଢ଼ାଉ କରି ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ନୂଆଗାଁ ନଟିମଙ୍ଗଳା ଅଞ୍ଚଳର ମିଟୁ ଓରଫ ତ୍ରିନାଥ ଶାସମଲ (୪୦), ନୂଆଗାଁ ଗାନ୍ଧୀନଗର ଅଞ୍ଚଳର ପାଣ୍ଡା ଓରଫ ସୁନିଲ ବେହେରା (୨୩) ଏବଂ ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ଘୋରଡ଼ିଆ ଅଞ୍ଚଳର କୁନି ଓରଫ କାର୍ତ୍ତିକ ପୃଷ୍ଟି। ଏମାନଙ୍କ ନିକଟରୁ ୫ ଲକ୍ଷ ୮୪ ହଜାର ୬ଶହ ଟଙ୍କା, ୨୨ କେଜି ଗଞ୍ଜେଇ, ଗୋଟିଏ ଅଟୋ, ୩ଟି ମୋବାଇଲ ଫୋନ ଜବତ ହୋଇଛି। କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଅଭିଯୁକ୍ତମାନେ ପଚରାଉଚରା ବେଳେ ସ୍ୱୀକାର କରିଥିବା ପୋଲିସ କହିଛି। ସୂଚନା ମୁତାବକ, ଜଟଣୀ ହରିଭାଇନା ଛକ ନିକଟ ନୂଆ ବସ୍‌ଷ୍ଟାଣ୍ଡଠାରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଉପରୋକ୍ତ ନିଶା ସାମଗ୍ରୀ, ଟଙ୍କା ଜବତ କରିବା ସହ ବେପାରୀମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୫/୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ କହିଛନ୍ତି।



## ସଂକ୍ଷେପରେ

### ବିନ୍ଧ୍ୟବାସିନୀଙ୍କ ପୀଠରେ ଚୈତ୍ର ନବରାତ୍ର ଆରମ୍ଭ



ପୁରୁଣା ଭୁବନେଶ୍ୱର,୨୨।୩(ଡି.ଏନ୍.ଏ.): ପୁରୁଣା ଭୁବନେଶ୍ୱର ସ୍ଥିତ ମା' ବିନ୍ଧ୍ୟବାସିନୀଙ୍କ ପୀଠରେ ଆରମ୍ଭ ହୋଇଛି ଚୈତ୍ର ନବରାତ୍ର। ପ୍ରତ୍ୟେହ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ଯଜ୍ଞାନୁଷ୍ଠାନ ବୈଦିକ ପରମ୍ପରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ରାମ ନବମୀ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

### ବିକଟାଳ ଶବ୍ଦ କରୁଥିବା ବାଇକ୍ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଗମ୍ଭାରୀମୁଣ୍ଡା,୨୨।୩(ଡି.ଏନ୍.ଏ.): ବାଣପୁର ଥାନା ଅଞ୍ଚଳର କେତେଜଣ ଯୁବକ ବାଇକ୍‌ରେ ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ପାଇପ୍ ଲଗାଇଛନ୍ତି। ଫଳରେ ପରିବେଶ ଦୂଷିତ ହେବା ସହ ବିକଟାଳ ଶବ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ବାଇକ୍ ମାଲିକଙ୍କ ଉପରେ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ସୂଚନା ମୁତାବକ, ବାଣପୁର, ଗମ୍ଭାରୀମୁଣ୍ଡା ଓ ନାଚୁଣୀ ଆଦି ଅଞ୍ଚଳରେ ଯୁବକମାନେ ବାଇକ୍‌ରେ ଶବ୍ଦ ବଢ଼ାଇବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ପାଇପ୍ ଲଗାଇବା ସହ ଦ୍ରୁତ ଗତିରେ ବାଇକ ଚଳାଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବାଇକ୍ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି ହେଉଛି।

### ନାଟ୍ୟକାର ବଂଶୀଧର ରାଉତଙ୍କ ସ୍ମୃତିସଭା

ଖୋର୍ଦ୍ଧା ଅଫିସ,୨୨।୩: ଭବାନୀ ଯଙ୍ଗ୍ କ୍ଲବ ଏବଂ ଖୋର୍ଦ୍ଧାର କଳାକାର ଓ ସାହିତ୍ୟିକଙ୍କ ମିଳିତ ଆନୁକୂଲ୍ୟରେ ନାଟ୍ୟକାର, କଥାକାର ତଥା 'ମହଲ'ର ସମ୍ପାଦକ ବଂଶୀଧର ରାଉତଙ୍କ ସ୍ମୃତିସଭା ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲାଲ୍‌ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଉତଙ୍କ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ନାଟ୍ୟକାର ସୁବୋଧ ଚନ୍ଦ୍ର ପଟ୍ଟନାୟକ, ବିଧାନ ଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ନାଟ୍ୟକାର ଲଳିତ ମୋହନ ରାଉତରାୟ, ସଞ୍ଜୟ ପଟ୍ଟନାୟକ, ନାରାୟଣ ଜେନା, ସ୍ୱର୍ଗତ ବଂଶୀଧରଙ୍କ ସହଧର୍ମିଣୀ ଗୀତାଞ୍ଜଳି ରାଉତ, ପୁଅ ବିଶ୍ୱଜିତ୍ ଓ ସତ୍ୟଜିତ୍, କନ୍ୟା ମିନୁଶ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ରାଉତଙ୍କ ବିଭିନ୍ନ ଫଟୋଚିତ୍ର ଏବଂ ମହଲର ବିଭିନ୍ନ ସଂଖ୍ୟାକୁ ନେଇ ଏକ ପ୍ରଦର୍ଶନୀ କରାଯାଇଥିଲା।

### ବିଦ୍ୟାଳୟରେ ରାଷ୍ଟ୍ରୀୟ ନବ ବର୍ଷ

ବୋଲଗଡ,୨୨।୩(ଡି.ଏନ୍.ଏ.): ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ରାତଃରେ ଶଙ୍ଖନାଦ କରିବା ସହ ଦୀପ ପ୍ରଜ୍ୱଳନ ପୂର୍ବକ ଧ୍ୱଜା ସ୍ଥାପନ କରିଥିଲେ। ପରେ ଗୋ'ମାତାଙ୍କୁ ପୂଜନ କରାଯାଇଥିଲା। ଶିଶୁମନ୍ଦିରର ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଓ ପ୍ରଧାନାଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଅତିଥି ଭବନ ପାଇଁ ନବୀନଙ୍କୁ କୃତଜ୍ଞତା ଜଣାଇଲେ ମମତା

- ସେବାୟତଙ୍କୁ ନିଜେ ବାଢ଼ିଲେ ମହାପ୍ରସାଦ
- ଦିଦିଙ୍କୁ ନିକଟରେ ଦେଖି ଖୁସି ହେଲେ ଶ୍ରଦ୍ଧାଳୁ



ସେବାୟତ ସଂଘ ପକ୍ଷରୁ ମମତା ବାନାର୍ଜୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଉଛି।

ପୁରୀ ଅଫିସ,୨୨।୩

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତେବେ ମମତାଙ୍କ ଦର୍ଶନ ସମ୍ପର୍କରେ ତାଙ୍କ କୌଳିକ ଗୁରୁ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ମମତା ବାନାର୍ଜୀ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନ ରଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀମନ୍ଦିର ବେଢା ବୁଲିବା ସହ ଧ୍ୱଜା ବନ୍ଧା ଦେଖିଲେ। ତାଙ୍କ ନାମରେ ଧ୍ୱଜା ବାନା ଶ୍ରୀନୀଳଚକ୍ରରେ ଲାଗିଥିଲା। ଏହି ଅବସରରେ ସେ ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନ କରିବାକୁ ଦେଇଥିଲେ। ବ୍ରାହ୍ମଣମାନଙ୍କୁ ଦକ୍ଷିଣା ମଧ୍ୟ ଦେଇଥିଲେ। ସେହିପରି ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ଓ ତାଙ୍କ ଦଳ ଭଲ ପ୍ରଦର୍ଶନ ଯେପରି କରିବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅପରପକ୍ଷେ ପୁରୀରେ ବଙ୍ଗାଳି ଅତିଥି ଭବନ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଜମି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ତାଙ୍କ କୋଲକାତା ଆସିବା ପାଇଁ ମମତା ନିମନ୍ତ୍ରଣ କରିଥିବା ସ୍ୱାଇଁ ମହାପାତ୍ର କହିଛନ୍ତି। ସେହିପରି ମମତା ବାନାର୍ଜୀଙ୍କ କୌଳିକ ପଣ୍ଡା ତଥା ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଳତି କରି ମମତା ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ବ୍ରାହ୍ମଣମାନଙ୍କୁ ନିଜ ହାତରେ ମହାପ୍ରସାଦ ବାଢ଼ିଥିଲେ। ଏଥିସହ ସେ ମଧ୍ୟ ମହାପ୍ରସାଦ ସେବନ କରିଥିଲେ। ଏହି ଅବସରରେ ମମତା ବାର୍ନାଜୀ ଶ୍ରୀମନ୍ଦିର ଆସିଥିବା ନେଇ ଖାତାରେ ଦସ୍ତଖତ କରିଛନ୍ତି। ସେହିପରି ପୁରୀରେ ଏକ ବଙ୍ଗଳୀ ଅତିଥି ଭବନ ନିର୍ମାଣ ନେଇ ମମତାଙ୍କ ବହୁ ଦିନରୁ ଆଶା ଥିଲା। ରାଜ୍ୟ ସରକାର ଯୋଗାଇ ଦେଇଥିବା ଜାଗା ତାଙ୍କର ମନ ପସନ୍ଦ ହୋଇଛି।

ମମତା ବାର୍ନାଜୀଙ୍କ ନାମରେ ଧ୍ୱଜା ବାନ୍ଧିଥିବା ଶ୍ରୀମନ୍ଦିର ଚୂନରା ସେବକ ନରସିଂହ ମହାପାତ୍ରଙ୍କ କହିବା ଅନୁଯାୟୀ, ମମତା ବାର୍ନାଜୀ ଦେଶ, ପଶ୍ଚିମବଙ୍ଗବାସୀଙ୍କ ମଙ୍ଗଳ କାମନା କରି ନୀଳଚକ୍ରରେ ଧ୍ୱଜା ବାନ୍ଧିଛନ୍ତି। ତେବେ ଶ୍ରୀମନ୍ଦିରର ଲକ୍ଷ୍ମୀ ମନ୍ଦିର ପାଖରେ ପତିତପାବନ ବାନା ଦେଇ ସଂକଳ୍ପ କରାଇଥିଲେ। ପରେ ସେ ନରସିଂହଙ୍କୁ ସାନ ଭାଇ ବୋଲି ସମ୍ବୋଧନ କରିଥିଲେ। ପରେ ନୃସିଂହ ଶ୍ରୀମନ୍ଦିର ଉପରକୁ ଯାଇ ନୀଳଚକ୍ରରେ ୧୪ହାତିଆ ହଳଦିଆ ରଙ୍ଗର ବାନା ବାନ୍ଧିଥିଲେ। ତେବେ ଧ୍ୱଜା ବନ୍ଧାକୁ ମମତା ଦେଖିଥିବା ବେଳେ ନରସିଂହ ତଳକୁ ଆସି ତାଙ୍କୁ ଏକ ପତିତପାବନ ବାନା ଦେଇଥିଲେ। ଅନ୍ୟପଟେ ମମତା ବାନାର୍ଜୀଙ୍କୁ ଦେଖିବା ପାଇଁ ରାସ୍ତା ଓ ଶ୍ରୀମନ୍ଦିର ନିକଟରେ ଅନେକ ଲୋକ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଏପରିକି ଅନେକ ବଙ୍ଗାଳୀ ପର୍ଯ୍ୟଟକ ମଧ୍ୟ ଅପେକ୍ଷା କରିଥିଲେ। ଏ ନେଇ ଜଣେ ବଙ୍ଗାଳୀ ଶ୍ରଦ୍ଧାଳୁ ସ୍ନିଗ୍ଧା ମୁଖାର୍ଜୀ କହିଛନ୍ତି, କୋଲକାତାରୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପଶ୍ଚିମବଙ୍ଗର ମା'ଭାବେ ପରିଚିତ ମମତା ବାନାର୍ଜୀଙ୍କୁ ଦେଖି ବହୁତ ଭଲ ଲାଗିଲା। ସେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ମମତା ବାନାର୍ଜୀ ଆସୁଥିବା ଶୁଣି ଅଟକି ଯାଇଥିଲେ। ବାଇଶି ପାହାଚରେ ସେ ମମତା ଦିଦିଙ୍କ ସହ ଦେଖା ହୋଇ ଖୁସି ହୋଇଥିଲେ।

# ଟିକାକରଣ, ସ୍ୱାସ୍ଥ୍ୟସେବା ଉପରେ ସଚେତନତା

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ଟିକାକରଣ ପ୍ରତି ସମସ୍ତେ ସଚେତନ ହେବା ସହ ସରକାରଙ୍କ ପ୍ରଦତ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ବାବଦରେ ଜାଣିବା ଜରୁରୀ। ସ୍ଥାନୀୟ ପଥରବନ୍ଧ ବସ୍ତିଠାରେ ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ଆୟୋଜିତ ସଚେତନତା ଅଭିଯାନରେ ଏପରି ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବରେ ୱାର୍ଡ ନଂ.୧୭ର କର୍ପୋରେଟର ପୂଜା ମହାରଣା ଯୋଗଦେଇ ସରକାରଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥିଭାବରେ ଆଶାକର୍ମୀ ସୌଦାମିନୀ କାଠୁଆ ଯୋଗଦେଇ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, କୋଭିଡ଼ଟିକା, ବୁଷ୍ଟର ଡୋଜ୍ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ବସ୍ତି ବାସିନ୍ଦାଙ୍କୁ ସଚେତନ କରାଇଥିଲେ । ଏଥିରେ ଅଙ୍ଗନୱାଡ଼ି କର୍ମୀ ସଙ୍ଗୀତା ଦାସ ଓ ସାମାଜିକ କର୍ମୀ ଦମୟନ୍ତୀ ସାହୁ ଯୋଗଦେଇଥିଲେ। ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ, ଭାସ୍କର ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ବିଷ୍ଣୁପ୍ରିୟା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କୁ ଦୁର୍ବ୍ୟବହାର, ୨ ଗିରଫ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ଯୌନ ନିର୍ଯାତନା ଦେବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଦିଲୀପ ମହାପାତ୍ର ଓ ଚନ୍ଦ୍ରଶେଖରପୁରରେ ରହୁଥିବା ଜଗତ୍‌ସିଂହପୁରର ବିଶ୍ୱ ବିଜୟ ସିଂ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ପୋଲିସ ସୂଚନାନୁଯାୟୀ, ଘଟଣା ଦିନ ପୀଡିତାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିବା ସମୟରେ ଅଭିଯୁକ୍ତଦ୍ୱୟ ଓ ଜଣେ ସହଯୋଗୀ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଅସଦାଚରଣ ନିମନ୍ତେ ଉଦ୍ୟମ କରିଥିଲେ। ତେବେ ମହିଳା ଜଣକ ବିରୋଧ କରିବାରୁ ସେମାନେ ତାଙ୍କ ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୀଡିତାଙ୍କ ସ୍ୱାମୀ ପହଞ୍ଚି ଅଭିଯୁକ୍ତଙ୍କ କବଳରୁ ତାଙ୍କୁ ଉଦ୍ଧାର କରିଥିଲେ। ଏଥିରେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ପୀଡିତାଙ୍କ ସ୍ୱାମୀଙ୍କୁ ମାଡ ମାରିବା ସହିତ ତାଙ୍କ ବେକରୁ ଏକ ସୁନା ଚେନ ଛିଣ୍ଡାଇ ନେଇ ପଳାଇ ଯାଇଥିଲେ। ଏହାପରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ତଦନ୍ତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ମଞ୍ଚେଶ୍ୱର ଥାନାରେ ଅଭିଯୁକ୍ତ ଦିଲୀପ ମହାପାତ୍ରଙ୍କ ନାମରେ ପୂର୍ବରୁ ଅର୍ଥାତ୍ ୨୦୨୦ ମସିହାରେ ଏକ ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି।

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା: ଉଠିଲା ୪ ନାହାକା



ପୁରୁଣା ଭୁବନେଶ୍ୱର,୨୨।୩(ଡି.ଏନ୍.ଏ.)

ଆସନ୍ତା ୨୯ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏଥିପାଇଁ ରଥଖଳାରେ ରଥ ପ୍ରସ୍ତୁତି ଜାରି ରହିଛି। ବୁଧବାର ଚକରେ ଅଖ ସଂଯୋଗ କରାଯାଇଛି। ଅପରାହ୍ଣରେ ଚାରି ନାହାକା ପୂଜାର୍ଚ୍ଚନା କରାଯିବା ପରେ ୪ ନାହାକା ଉଠାଯାଇଛି। ଦୈନିକ ନୀତି ଆଳତ, ଅବକାଶ କରାଯାଇ ବୀର କିଶୋରୀ ବଲ୍ଲଭ କରାଯାଇଥିଲା। ଏହା ପରେ ମନ୍ଦିରରୁ ପାଳିଆ ପୂଜାପଣ୍ଡାଙ୍କ ସହ ପତ୍ରୀ ପର୍ବ ଯାତ୍ରା ବିଶୋଇ ଓ ଅନ୍ୟ ସେବାୟତ ରଥ ଖଳାରେ ପହଞ୍ଚିଥିଲେ। ସେଠାରେ ବିଧି ମୁତାବକ ଚାରି ନହାକାକୁ ପୂଜା କରିଥିଲେ ପୂଜାପଣ୍ଡା ସେବାୟତ।

# 'ନିଜ ସଂସ୍କୃତିକୁ ଭଲ ପାଅ'

ଖୋର୍ଦ୍ଧା ଅଫିସ/ଟାଙ୍ଗୀ୨୨।୩(ଡି.ଏନ୍.ଏ.)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଟାଙ୍ଗୀ ଖଣ୍ଡ ଆନୁକୂଲ୍ୟରେ ରାଷ୍ଟ୍ରୀୟ ନବ ବର୍ଷ ସରସ୍ୱତୀ ଶିଶୁ ମନ୍ଦିର ଚାନ୍ଦପୁର ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନୟାଗଡ ଜିଲା ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ଯୋଗଦେଇ ସ୍ୱୟଂ ସେବକ ରାଷ୍ଟ୍ରୀୟ ବିଚାରଧାରାରେ ସମର୍ପିତ ଭାବନାରେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ମା'ମାନେ ପିଲାମାନଙ୍କୁ ସଂସ୍କାରିତ ଶିକ୍ଷା ପ୍ରଦାନ କରିବା ଅବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର ଯୋଗଦେଇ ପାଶ୍ଚାତ୍ୟ ସଂସ୍କୃତିରେ ବିମୋହିତ ନ ହୋଇ ରାଷ୍ଟ୍ରୀୟ ନବ ବର୍ଷର ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରି ପରପୀଢ଼ିକୁ ଏ ସମ୍ପର୍କରେ ଜଣାଇବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ଶରତ କୁମାର ପ୍ରତିହାରୀ, ମୁକ୍ତିକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡ କାର୍ଯ୍ୟବାହ କାର୍ତ୍ତିକେଶ୍ୱର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିଶୁଙ୍କ ପାଇଁ ଦିନଟିଏ କର୍ମଶାଳା



କର୍ମଶାଳାରେ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ବ୍ଲକସ୍ତରୀୟ 'ଶିଶୁଙ୍କ ପାଇଁ ଦିନଟିଏ' କର୍ମଶାଳା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ, ଯୌନ ନିର୍ଯାତନା, ଶିଶୁ ଶୋଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଓ ପଞ୍ଚାୟତ ସ୍ତରୀୟ ଶିଶୁସୁରକ୍ଷା କମିଟି ଗଠନର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ସ୍ୱାଇଁ, ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ମଉଜମଣି ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳରେ କିଭଳି ଆଗାମୀ ଭବିଷ୍ୟତର ଶିଶୁଙ୍କୁ ସୁରକ୍ଷା ଦିଆଯିବ ଓ ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ କ'ଣ ଭୂମିକା ରହିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଜିଲାପାଳଙ୍କ ଠାରୁ ପୁରସ୍କୃତ ହୋଇଥିବା ବରସାହି ସରପଞ୍ଚ ଶରତ କୁମାର ବେହେରା ଶିଶୁଙ୍କ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବାଜପୁର ସରପଞ୍ଚ କେଦାରଶ୍ୱର ପୃଷ୍ଟି, କୁରାଡ଼ମଲ୍ଲ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି ଓ ସ୍ୱେଚ୍ଛାସେବୀମାନେ ମତ ରଖିଥିଲେ।

# ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘର ଆନ୍ଦୋଳନ ଚେତାବନୀ

କଟକ ଅଫିସ, ୨୨।୩

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ପକ୍ଷରୁ ୩ଟି ମୁଖ୍ୟ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଦାବି କରାଯାଇଛି। ସେଗୁଡିକ ହେଲା ସଂଶୋଧିତ ଫାର୍ମାସିଷ୍ଟ କ୍ୟାଡର କାର୍ଯ୍ୟକାରୀ କରିବା, ମୂଳ ଦରମା ଗ୍ରେଡ ପେ' ବୃଦ୍ଧି, ପଦବୀ ନାମ ପରିବର୍ତ୍ତନ କରିବା। ଉକ୍ତ ଦାବି ପ୍ରତି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଆସନ୍ତା ଏପ୍ରିଲ ୧୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ଫାର୍ମାସିଷ୍ଟମାନେ ୧୨ ତାରିଖଠାରୁ ସମୂହ ଛୁଟି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ରବିବାର ଏସ୍‌ସିବି ମେଡିକାଲ କଲେଜର ଫାର୍ମାସୀ ବିଭାଗରେ ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଥଇଥାନ ଦାବିରେ ପରିବା ବ୍ୟବସାୟୀଙ୍କ ବିକ୍ଷୋଭ




- ଦୋକାନ ବନ୍ଦ କରି ପ୍ରତିବାଦ ଜଣାଇଲେ
- ପୌର କାର୍ଯ୍ୟାଳୟକୁ ଅଚଳ ଚେତାବନୀ

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧାର ବିକାଶରେ ବାଧକ ସାଜିଛି କ୍ୟାବିନ ଓ ରାସ୍ତାକଡ଼ ଉଠାଦୋକାନ। ଫଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ଦୀର୍ଘବର୍ଷ ହେବ ଏହି ସମସ୍ୟା ଲାଗିରହିଛି। କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କେବଳ ସରକାରୀ କାଗଜକଲମରେ ସୀମିତ ରହିଛି। ଏମାନଙ୍କ ଥଇଥାନ ପ୍ରସଙ୍ଗ ଶୀତଳଭଣ୍ଡାରରେ ରହିଥିବା ବେଳେ ସହରରେ ବ୍ୟବସାୟ କରୁଥିବା ପରିବା ବ୍ୟବସାୟୀ ସଂଘ ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ଲାଗି ଦାବି କରିଛି। ସଂଘ ନିଷ୍ପତ୍ତିକ୍ରମେ ବୁଧବାର ପରିବା ଦୋକାନ ବନ୍ଦ କରି ଥଇଥାନ ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କିଅକପ ଓ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କ ଦାବି ପ୍ରତି ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପୌର ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ପରିବା ବ୍ୟବସାୟୀ ସଂଘ ଉପଦେଷ୍ଟା ନରେନ୍ଦ୍ର ପୃଷ୍ଟି ଏବଂ ସଂଘ ସଭାପତି ଚକ୍ରଧର ସାହୁଙ୍କ ନେତୃତ୍ୱରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବ୍ୟବସାୟୀ ନୂଆ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପୌର କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଶାସନର ପୂର୍ବ ନିଷ୍ପତ୍ତିକ୍ରମେ ସେମାନଙ୍କୁ ଟିଏଲ୍‌ସି ଠାରେ ସ୍ଥିରୀକୃତ ସ୍ଥାନରେ ଥଇଥାନ ଲାଗି ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପାର୍କିଂ ସୁବିଧା ନ ଥିବାରୁ ପରିବା କିଣିବାକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ପାର୍କିଂ କଲେ ପୋଲିସ ଜରିମାନା କାଟୁଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କିଅକପ କହିଛନ୍ତି, ପରିବା ବ୍ୟବସାୟୀ ସଂଘ ପକ୍ଷରୁ ସେମାନଙ୍କ ଥଇଥାନ ନେଇ ଦାବିପତ୍ର ଦେଇଛନ୍ତି। ତେବେ ଦୁଇ ସପ୍ତାହ ମଧ୍ୟରେ ଥଇଥାନ ସମ୍ଭବ ନୁହେଁ। ଟିଏଲ୍‌ସିଠାରେ ଆରଏମ୍‌ସି ତତ୍ତ୍ୱାବଧାନରେ ହେବାକୁ ଥିବା ବଜାରରେ ସେମାନଙ୍କୁ ଥଇଥାନ ଲାଗି ଯୋଜନା କରାଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ପର୍ଯ୍ୟାୟରେ ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଯୋଜନା କରାଯାଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

ପ୍ରକାଶ ଯେ, ଗତ ଜାନୁୟାରୀ ୨୪ରେ ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ପରିସରରେ ପୌର ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦୁଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ରାଜେନ୍ଦ୍ର ସାହୁ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ପରିବା ଓ ଫଳ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ଉପଜିଲାପାଳ ସେଠୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

### ସାମିଲ ହେଲାନି ହାବେଳି ପଡ଼ିଆ ଅସ୍ଥାୟୀ ବ୍ୟବସାୟୀ ସଂଘ

ଟିଏଲ୍‌ସିଠାରେ ଥଇଥାନ ନେଇ ପରିବା ବ୍ୟବସାୟୀ ସଂଘ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଅନ୍ୟପଟେ ଏଥିରୁ ଦୂରେଇ ରହିଛି ହାବେଳି ପଡ଼ିଆ ଅସ୍ଥାୟୀ ବ୍ୟବସାୟୀ ସଂଘ। ଟିଏଲ୍‌ସି ପରିବର୍ତ୍ତେ ହାବେଳି ପଡ଼ିଆରେ ସେମାନଙ୍କୁ ଥଇଥାନ ଦାବିରେ ରାସ୍ତାରେ ବିକ୍ଷୋଭ ସହ ପୃଥକ୍ ଭାବେ ଜିଲାପାଳ, ଉପଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କରୋନା ମହାମାରୀ ସମୟରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ରାସ୍ତାକଡ଼ରେ ପରିବା ବିକ୍ରି କରୁଥିବା ବ୍ୟବସାୟୀ ହାବେଳି ପଡ଼ିଆକୁ ଆସିଥିଲେ। ସେଥିମଧ୍ୟରୁ ଅନେକେ ବ୍ୟବସାୟ ବନ୍ଦ କରି ଚାଲିଯାଇଥିବା ବେଳେ ଏବେ ୪୦ଜଣ ବ୍ୟବସାୟୀ ଦୈନିକ ବେପାର କରୁଛନ୍ତି। ଏହି ବ୍ୟବସାୟୀଙ୍କୁ ନେଇ ହାବେଳି ପଡ଼ିଆ ଶାନ୍ତି କମିଟି ପରିବା ବ୍ୟବସାୟୀ ସଂଘ ଗଠନ କରାଯାଇଛି। ଏଠାରେ ଥିବା ପ୍ଲଟ ନଂ .୨୬୮୬, ଖାତା ନଂ.୧୧୦୬ ଯଜାରସିଂ ମୌଜାରେ ଥଇଥାନ ଲାଗି ଦାବି କରିଛନ୍ତି। ଏନେଇ ସଂଘର ବାସୁଦେବ ପ୍ରଧାନ, ବିରାଟ ବେହେରା, ମହେଶ୍ୱର ସାହୁ, ଆଶୁତୋଷ ମିଶ୍ର, ପିଣ୍ଟୁ ସାହୁ, ଗୋପାଳକୃଷ୍ଣ ସାହୁଙ୍କ ସମେତ ଅନ୍ୟମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।



# ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୨୨।୩

ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଏହି ଗୁପ୍ତ ନୀତିକୁ ଦତ୍ତମହାପାତ୍ର ସେବକମାନେ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧରଣ ଦର୍ଶନ ବନ୍ଦରହିଥିଲା। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା। ବୁଧବାର ଅପରାହ୍ଣ ୪ଟା ୫୦ ମିନିଟ୍‌ରେ ଦତ୍ତ ମହାପାତ୍ର ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ବନକ ଲାଗି ନୀତି ଆରମ୍ଭ କରିଥିଲେ। ରାତି ୭ଟା ୪୫ମିନିଟ୍‌ରେ ନୀତି ସମ୍ପନ୍ନ କରି ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିରରୁ ବାହାରିଥିଲେ। ବନକ ଲାଗି ସମ୍ପନ୍ନ ହେବା ପରେ ରାତ୍ର ୮ଟା୨୦ରେ ଶ୍ରୀବିଗ୍ରହଙ୍କ ଗଭା ମଇଲମ କରାଯାଇ ମହାସ୍ନାନ ନୀତି କରାଯାଇଥିଲା। ରାତି ୯ଟାରେ ମହାପ୍ରଭୁଙ୍କ ମହାସ୍ନାନ ଶେଷ ହୋଇ ମଇଲମ, ବେଶ ଶେଷ ସନ୍ଧ୍ୟା ଆଳତି ସହ ଅନ୍ୟାନ୍ୟ ନୀତି ବଢିଥିଲା। ଅପରପକ୍ଷେ ମହାସ୍ନାନ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଶିକ୍ଷୟିତ୍ରୀ ମୃତ

ଆଠଗଡ଼,୨୨।୩(ସ୍ୱ.ପ୍ର.): ଆଠଗଡ଼ ଥାନା ତେଖୋଲି ଗାଁ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ବୁଧବାର ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗାଁର ଅଭିରାମ ପ୍ରଧାନଙ୍କ ଝିଅ ଶାନ୍ତିଲତା(୩୦)। ଦୁର୍ଘଟଣା ଘଟାଇ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏ ନେଇ ମୃତକଙ୍କ ବାପା ଅଭିରାମ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅପମୃତ୍ୟୁ ମାମଲା (ନଂ. ୧୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶାନ୍ତିଲତା ବେଣ୍ଟପଦା ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ନିକଟସ୍ଥ ପୋଖରୀରୁ ଗାଧୋଇ ସାରି ଫେରୁଥିବା ବେଳେ ଗାଡ଼ିଟି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସୁବୋଧ ସାମଲ କଟକ ଜିଲା ବିଜେଡି ଉପସଭାପତି

ବାଙ୍କୀ,୨୨।୩(ସ୍ୱ.ପ୍ର): ବାଙ୍କୀ ଡମପଡ଼ା ବ୍ଲକ ଶିମିଳିପୁର ଗାଁର ତଥା ବାଙ୍କୀ ମହାବିଦ୍ୟାଳୟର ପୂର୍ବତନ ସଭାପତି ସୁବୋଧ ସାମଲ କଟକ ଜିଲା ବିଜେଡିର ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସେଥିପାଇଁ ସେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିଦ୍ୟାଳୟ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ସାଲେପୁର,୨୨।୩(ଡି.ଏନ୍.ଏ.): ସାଲେପୁର ବ୍ଲକ କଟରପା ପଞ୍ଚାୟତ ରେବା ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଡିଓ ସୂର୍ଯ୍ୟକାନ୍ତ ରାଉତ ବୁଧବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ସରୋଜ କୁମାର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ରାଉତ, ମୁଖ୍ୟବକ୍ତା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି ଯୋଗଦେଇ ବିଦ୍ୟାଳୟର ଆଉ ଯାହା କିଛି ଉନ୍ନତିମୂଳକ ସମସ୍ୟା ରହିଛି ତାହା ଖୁବ୍‌ଶୀଘ୍ର ବିଧାୟକଙ୍କ ପରାମର୍ଶକ୍ରମେ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ କୁମାର ପତି, ନିରଞ୍ଜନ ଦାସ, ବିଳାସିନୀ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। କଟକ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କେଶବ ଚନ୍ଦ୍ର ବେହେରା, ଶିକ୍ଷକ ସାରଦା ପ୍ରସାଦ କାନୁନ୍‌ଗୋ, ପ୍ରଶାନ୍ତ କୁମାର ପାଲ, ଆଶିଷ କୁମାର ସିଂହ, ସୟଦ ସଫି ଉଲ୍ଲା, ଶିକ୍ଷୟିତ୍ରୀ ସସ୍ମିତା କାନୁନ୍‌ଗୋ ପ୍ରମୁଖ ସହଯୋଗ କରିଥିଲେ।

### ୨ ପରିବାରକୁ ସହାୟତା ପ୍ରଦାନ

ମାହାଙ୍ଗା,୨୨।୩(ସ୍ୱ.ପ୍ର.): କାଳବୈଶାଖୀ ପ୍ରଭାବରେ ମାହାଙ୍ଗା ବ୍ଲକ କୋଳିଅଠା ଗାଁର ମାତାଜି ବାରିକଙ୍କ ଘର କାନ୍ଥ ଭାଙ୍ଗିବା ସହ ଚାଳ କଣା ହୋଇଯାଇଛି। ଫଳରେ କୁଆପଥର ବର୍ଷା ଯୋଗୁ ଘରେ ପାଣି ପଶି ଯାଇଥିଲା। ଏହି ଖବର ଜାଣିବା ପରେ ସହାୟତାର ହାତ ବଢ଼ାଇଛନ୍ତି ପିତାମାତା ସେବକ ସଂଘ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ସଂଘର ଉପଦେଷ୍ଟା ରଞ୍ଜନ କୁମାର ରାଉତ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ସଭାପତି ବିନୟ ରଞ୍ଜନ ପ୍ରଧାନ ଓ ସମ୍ପାଦକ ସଞ୍ଜୟ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ସଂଘ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ଶିବ ଚରଣ ଜେନା ପ୍ରମୁଖ ବାରିକଙ୍କ ଘରେ ପହଞ୍ଚି ଅର୍ଥ ରାଶି ଏବଂ ବସ୍ତ୍ର ପ୍ରଦାନ କରିଥିଲେ। ସେହିପରି ମୂଳବସନ୍ତ ପଞ୍ଚାୟତ ଧର୍ମଦାସପୁର ଗାଁର ଧ୍ରୁବଚରଣ ପାଗଳଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଛି। ସଂଘର ଉପସଭାପତି ଅଶୋକ କୁମାର ଦାଶ, ଅରୁଣ କୁମାର ଲେଙ୍କା, ଉପଦେଷ୍ଟା ଅଭୟ ଚରଣ ପଣ୍ଡା, ରଜନୀକାନ୍ତ ପରିଡ଼ା, ସହସମ୍ପାଦକ ଚିରଞ୍ଜୀବୀ ଜେନା, ବିଶ୍ୱଜିତ୍ ସେଠୀ ପ୍ରମୁଖ ସହଯୋଗର ହାତ ବଢ଼ାଇ ଥିଲେ।



# ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

## ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଟୁଲୁ ପାତ୍ର (୪୩)। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟର ଛକାପଞ୍ଝା ପରେ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଯୁବକ ଜଣକ ଜଣେ ଡ୍ରାଇଭର ହୋଇଥିବାବେଳେ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ପରିବାର ଲୋକ ଓ ସହଯୋଗୀମାନେ ତାଙ୍କୁ ମାନୁ ନ ଥିବାରୁ ସେ ଆତ୍ମହତ୍ୟା କରିବାକୁ ପ୍ରୟାସ କରୁଥିଲେ ବୋଲି ଟୁଲୁ କହିଛନ୍ତି। ତାଙ୍କୁ ଥାନାରେ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଯଦି ପରିବାର ଲୋକ ନ ଆସନ୍ତି, ତେବେ ଟୁଲୁଙ୍କୁ ଏକ ଡିଷ୍ଟ୍ରେସ୍ ସେଣ୍ଟରରେ ଛାଡ଼ିଦେବୁ ବୋଲି ଥାନାଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଟୁଲୁ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ିଯାଇଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଏକ ଦୌଡ଼ିରେ ବାନ୍ଧି ତଳକୁ ଓହ୍ଲାଇଥିଲେ।

ଉଲ୍ଲେଖଯୋଗ୍ୟ, ୩ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ୍ୟ ସମାନ ଘଟଣା ଘଟିଥିଲା। ନବୀନ ପଟ୍ଟନାୟକଙ୍କୁ ୯ବର୍ଷ ତଳର ପ୍ରତିଶ୍ରୁତିକୁ ମନେପକାଇ ଦେବାକୁ ରାଉରକେଲାରୁ ଚାଲି ଚାଲି ଆସି ଭୁବନେଶ୍ୱରରେ ପହଞ୍ଚିଥିବା ମୁକ୍ତିକାନ୍ତ ମଣ୍ଡଳଙ୍କୁ ନବୀନ ନିବାସ ଛଡ଼ା ନ ଯିବାରୁ ସେ ଡିସେମ୍ବର ୨୧ରେ ଉକ୍ତ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଗ୍ନିଶମ ଟିମ୍ ତାଙ୍କୁ ବହୁତ କଷ୍ଟରେ ଉଦ୍ଧାର କରିଥିଲା।



ଅଗ୍ନିଶମ କର୍ମଚାରୀମାନେ ହୋର୍ଡିଂରୁ ଯୁବକଙ୍କୁ ଓହ୍ଲାଉଛନ୍ତି ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ବଡ଼ମ୍ବା,୨୨।୩(ଡି.ଏନ୍.ଏ.):

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନା ଉପରେ ଶୁଣାଣି ହୋଇଥିଲା। ସମୁଦାୟ ୩୮ ପଞ୍ଚାୟତର ୨୩,୦୯୨ ପରିବାର ଜବ୍‌କାର୍ଡ ପାଇଥିବା ଥିବାବେଳେ ସେମାନଙ୍କ ମଧ୍ୟରୁ ସମୁଦାୟ ୬,୬୮୪ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ସେହିପରି ୭୦ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଅନ୍ୟପକ୍ଷେ ସମୁଦାୟ ୧୨୯୩ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୬୨୫ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ହିତାଧିକାରୀମାନେ ଶେଷ କରିଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ମିଳିନାହିଁ। ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ରମେଶ କୁମାର ଜେନା ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ବ୍ଲକ ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସାମାଜିକ ସମୀକ୍ଷକ କଳ୍ପନା ବିଶ୍ୱାଳ, ବ୍ଲକ ସାମାଜିକ ସମୀକ୍ଷକ ମମତା ସ୍ୱାଇଁ, ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀଙ୍କ ସହ କମିଟି ସଦସ୍ୟ ରଜନୀକାନ୍ତ ବଳବନ୍ତରାୟ, ପ୍ରଦୀପ କୁମାର ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ବିଭାଗୀୟ ପଦାଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ଏବିଡିଓ ଯାଜ୍ଞସେନୀ ଗୋଛାୟତ ଧନ୍ୟବାଦ ଦେଇଥିଲେ।

# ନାବାର୍ଡ ପ୍ରତିନିଧିଙ୍କ ବାଙ୍କୀ କଲେଜ ପରିଦର୍ଶନ



ନାବାର୍ଡ ପ୍ରତିନିଧି ବାଙ୍କୀ କଲେଜର ନବନିର୍ମିତ ଛାତ୍ରାବାସକୁ କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରୁଛନ୍ତି ।

ବାଙ୍କୀ,୨୨।୩(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଙ୍କ ପାଇଁ ବିଶ୍ୱ ବ୍ୟାଙ୍କ ଆର୍ଥିକ ସହାୟତାରେ ନିର୍ମିତ ଛାତ୍ରାବାସକୁ ମଙ୍ଗଳବାର ନାବାର୍ଡ ପ୍ରତିନିଧି ସଞ୍ଜୟ କୁମାର ପାତ୍ର ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସବିତା ସୁରେନ, କଲେଜ ଅଧ୍ୟକ୍ଷ କ୍ୟାପେଟନ ଭବାନୀ ପ୍ରସାଦ ହୋତାଙ୍କୁ ଛାତ୍ରାବାସ ହସ୍ତାନ୍ତର କରିଥିଲେ। ଏହି ସମୟରେ ନିର୍ମାଣ ନୋଡ଼ାଲ ଅଧିକାରୀ ପ୍ରାଧ୍ୟାପକ ରାଜକିଶୋର ପାଲ, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବିଶ୍ୱ ବ୍ୟାଙ୍କ ସଂଯୋଜକ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ସହକାରୀ ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର, ଡ. ଶୈଳେନ୍ଦ୍ର କୁମାର ମହାପାତ୍ର, ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ସହକାରୀ ଯନ୍ତ୍ରୀ ବିନୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କୋଳିଅଠା ପଞ୍ଚାୟତରେ ବିଭିନ୍ନ ଅନିୟମିତତାର ତଦନ୍ତ

ମାହାଙ୍ଗା,୨୨।୩(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ କୋଳିଅଠା ଗାଁରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନିୟମିତତା ନେଇ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ପ୍ରେମାନନ୍ଦ ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବୁଧବାର ୪ ଜଣିଆ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସୁଶାନ୍ତ ମଲିକ, ଯନ୍ତ୍ରୀ ପ୍ରସନ୍ନ ବିଶ୍ୱାଳ, ପିଇଓ ନିରାକାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ। ଏହି ଅବସରରେ ଆମ ଗାଁ ଆମ ବିକାଶ, ବଟ ଗୋସାଇଁ ମିଶନ ଶକ୍ତି, ହନୁମାନ ଗୋଷ୍ଠୀ କେନ୍ଦ୍ର, କପିଳେଶ୍ୱର ମନ୍ଦିର ମୁଖ୍ୟ ତୋରଣ ଆଦି କାର୍ଯ୍ୟର ଟିମ୍ ତଦନ୍ତ କରି ଫେରିଯାଇଛନ୍ତି।



ଲୋକାୟୁକ୍ତଙ୍କ ପକ୍ଷରୁ ଆସିଥିବା ୪ ଜଣିଆ ଟିମ୍ ଅନିୟମିତତା କାର୍ଯ୍ୟର ତଦାରଖ କରୁଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ

ମାଣିଆବନ୍ଧ,୨୨।୩(ଡି.ଏନ୍.ଏ.):

ବଡ଼ମ୍ବା ସରସ୍ୱତୀ ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିପିନ ବିହାରୀ ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ କଳାକାର ମହାସଂଘ ଉପସଭାପତି ମନୋରଞ୍ଜନ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବତ୍ସଳ ନାୟକ ଉପସ୍ଥିତ ଥିଲେ। ଅତିଥିମାନେ ଏହି ଦିନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସ୍ୱୟଂ ସେବକ ସଂଘର ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡ଼ଗେୱାରଙ୍କ ଜନ୍ମ ଦିବସ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ସଂସ୍କୃତି ପ୍ରମୁଖ ସନ୍ତୋଷ କୁମାର ମଲ୍ଲିକ ଅତିଥି ପରିଚୟ ଦେଇଥିବାବେଳେ କାର୍ଯ୍ୟାଳୟ ପ୍ରମୁଖ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସାମାଜିକ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା:୨୨।୩(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକ ମଧୁପୁର ଗାଁରେ ସାମାଜିକ କର୍ମୀ ବିବେକାନନ୍ଦ କାନୁନ୍‌ଗୋଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ସରପଞ୍ଚ ରବୀନ୍ଦ୍ର ବାଗ, ଶିକ୍ଷାବିତ୍ କାର୍ତ୍ତିକ ସ୍ୱାଇଁ, କବି ଡମ୍ବରୁଧର ପରିଡ଼ା, ଧନେଶ୍ୱର ପ୍ରଧାନ, ଦେବେନ୍ଦ୍ର ମହାନ୍ତି, ଦୀପକ ବିଶ୍ୱାଳଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ମିଶନ ଶକ୍ତି ମହିଳାଙ୍କୁ ସଚେତନ




ସଚେତନତା ସଭାରେ ଯୋଗଦେଇଥିବା ଅତିଥି ।

ମାହାଙ୍ଗା,୨୨।୩(ସ୍ୱ.ପ୍ର.):

ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ରାଜୀବ ସେବାକେନ୍ଦ୍ର ସମ୍ମିଳନୀ ଗୃହରେ ବୁଧବାର କଟକ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ମିଶନ ଶକ୍ତି ମହିଳାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପ କେନ୍ଦ୍ର ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ସରପଞ୍ଚ ସୁଜାତା ମଲିକ, ସମିତିସଭ୍ୟା ରେବତୀ ସେଠୀ, ସାମାଜିକ କର୍ମୀ ସୁବାସ ଜେନା, ୟୁକୋ ବ୍ୟାଙ୍କ ପରିଚାଳକ ରମାକାନ୍ତ ମହାରଣା, ଜଗଦାନନ୍ଦ ସ୍ୱାଇଁ, ପିଇଓ ରାଧେଶ୍ୟାମ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତି ରୋଜଗାର ଯୋଜନାର ଉପାଦେୟତା ସମ୍ପର୍କରେ ପରାମର୍ଶ ଦେଇଥିଲେ।

# ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ହିନ୍ଦୁ ନବବର୍ଷ

ଆଠଗଡ,୨୨।୩(ଡି.ଏନ୍.ଏ.)

ଆଠଗଡ଼ ଟିଗିରିଆ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ହିନ୍ଦୁ ନବବର୍ଷ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବାଇକ୍ ଶୋଭାଯାତ୍ରା ଖୁଣ୍ଟୁଣୀ ଥାନା ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟ ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ଜୟ ଶ୍ରୀରାମ, ଭାରତ ମାତାକି ଜୟ, ବଜରଙ୍ଗବାଲି ନାରାରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସମସ୍ତ ଛକରେ ଜନ ସାଧାରଣ ପୁଷ୍ପ ପକାଇ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ। ହିନ୍ଦୁ ପୁରାଣ ଅନୁସାରେ ଏହି ନୂଆବର୍ଷ ସୃଷ୍ଟିର ପ୍ରାରମ୍ଭ ଦିବସ ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନାର ଆରମ୍ଭ ହୋଇଥିଲା। ବାସନ୍ତୀ ଦୁର୍ଗାପୂଜା ନବରାତ୍ରିର ଆରମ୍ଭ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠାତା ଡ. କେଶବ ବଳରାମ ହେଡ଼ଗେୟାରଙ୍କ ଜନ୍ମ ଦିବସକୁ ହିନ୍ଦୁ ନବ ବର୍ଷ ଭାବେ ପାଳନ କରାଯାଉଛି। ଅନେକ ସ୍ଥାନରେ ଲୋକେ ଘର ସାମ୍ନାରେ ଆମ୍ବ ତୋରଣ କଳସ ରଖିବା ସହ ପିଠା ପଣା ବାଣ୍ଟି ନୂଆବର୍ଷ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତପନ ଲେଙ୍କା, ମିଥୁନ ମଲିକ, ରଞ୍ଜିନ ସେନାପତି, ବଳରାମ ରାଉତ, ମହେଶ୍ୱର ଲେଙ୍କା, ବିକାଶ ସ୍ୱାଇଁ, ଶୋଭମ ପ୍ରିୟଦଶୀ, ଲକ୍ଷ୍ମୀଧର ସାହୁ, ରାକେଶ ମହାନ୍ତି, ବିକାଶ ସ୍ୱାଇଁ, ବିଚିତ୍ର ବେହେରା, ସନାତନ ଲେଙ୍କା, ସମୀର ପ୍ରଧାନ, ସଞ୍ଜୟ ପାଣି, ପ୍ରଦୀପ୍ତ ସାମଲ, ବ୍ରଜେନ୍ଦ୍ର ରାୟ ପ୍ରମୁଖ ସାମିଲ ହୋଇଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ର ଜନଶୁଣାଣି ଶିବିର



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ।

ଆଠଗଡ଼, ୨୨।୩(ସ୍ୱ.ପ୍ର.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ ପ୍ରଧାନମନ୍ତ୍ରୀ ଆବାସର ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ପ୍ରଦୀପ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡଙ୍ଗା, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଜିଲା ପରିଷଦ ସଦସ୍ୟା ଶାନ୍ତିଲତା ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ଏପିଓ ସୂର୍ଯ୍ୟସ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଠଗଡ଼ ବ୍ଲକର ୩୪ଟି ପଞ୍ଚାୟତରେ ମୋଟ ୧୭,୪୩୬ଟି ଜବ୍‌କାର୍ଡ ପଞ୍ଜୀକୃତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ସେପ୍ଟେମ୍ବର ସୁଦ୍ଧା ୨୪୦୭ ଜଣ କାମ ପାଇଁ ଆବେଦନ କରିଥିବା ବେଳେ ୨୧୩୪ ଜଣଙ୍କୁ କାର୍ଯ୍ୟ ଦିଆଯାଇଛି। ମୋଟ ୨୯,୦୦୪ଟି ଶ୍ରମ ଦିବସ ସୃଷ୍ଟି ହୋଇଛି। ୨୩ ଜଣଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ମୋଟ ୧ କୋଟି ୨୬ ଲକ୍ଷ ୭୮ ହଜାର ଟଙ୍କା ୬୯ ପଇସାକୁ ୩୧ ଶ୍ରମିକ ଓ ସାମଗ୍ରୀ ଅଂଶ ସୃଷ୍ଟି କରିଛି। ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ ସତ୍ୟନାରାୟଣ ସ୍ୱାଇଁ ଓ ବ୍ଲକ ପ୍ରକଳ୍ପ ସଂଯୋଜକ (ଆବାସ) ସୁଧାଂଶୁ ଚନ୍ଦ୍ର ନାୟକ ଶିବିର ପରିଚାଳନା କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## କବି ବିଶ୍ୱନାଥ ସିଂହଙ୍କ ଶ୍ରାଦ୍ଧବାର୍ଷିକ

ବାଙ୍କୀ,୨୨।୩(ସ୍ୱ.ପ୍ର.)

ବିଶିଷ୍ଟ ସାହିତ୍ୟିକ କବି ବିଶ୍ୱନାଥ ସିଂହଙ୍କ ୯ମ ଶ୍ରାଦ୍ଧବାର୍ଷିକ ଉତ୍ସବ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି କାହ୍ନୁଚରଣ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବି ବିଶ୍ୱନାଥ ସିଂହ ଜଣେ ଦକ୍ଷ ପ୍ରଶାସକ, କବି ଓ ଲେଖକ ଭାବେ ପ୍ରସିଦ୍ଧି ଲାଭ କରିଥିବା ବେଳେ ତାଙ୍କର ସ୍ୱରଚିତ ଜଗନ୍ନାଥ ଜଣାଣ ଏବେ ଘରେ ଘରେ ଆଦୃତ ବୋଲି ସେ କହିଥିଲେ। ଉଦ୍‌ଘାଟକ ଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, ସାହିତ୍ୟିକ ଇଂ.ସତ୍ୟବ୍ରତ ରଥ, ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ ମହାନ୍ତ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦକ ରବିନାରାୟଣ ମଙ୍ଗରାଜ ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। କବୟିତ୍ରୀ ଓ କବିଙ୍କ ସ୍ୱରଚିତ କବିତା ପାଠ କରାଯାଇଥିଲା। ଚନ୍ଦ୍ରକାନ୍ତି ସିଂ ଧନ୍ୟବାଦ ଦେଇଥିଲେ।

# ସମ୍ମାନିତ ହେଲେ ୩୧ ଆମ୍ବୁଲାନ୍ସ କର୍ମଚାରୀ

## ଜିକିତ୍ସା ଓଡ଼ିଶା ସ୍କଲାରଶିପ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଓଡିଶାରେ ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ୍ (ଜେଡ୍‌ଏଚ୍‌ଏଲ୍) ପକ୍ଷରୁ ବୁଧବାର ସୂଚନା ଭବନଠାରେ ୩୧ଜଣ ଆମ୍ବୁଲାନ୍ସ କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କର୍ମଚାରୀଙ୍କ ୧୬ଜଣ ମେଧାବୀ ପିଲାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଜିକିତ୍ସା ଓଡ଼ିଶା ସ୍କଲାରଶିପ ୨୦୨୩ରେ ୭ଜଣ କ୍ଲଷ୍ଟର ଲିଡର ଓ ୨୪ଜଣ କ୍ରିୟୁ ମେମ୍ବରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଛି। ଏହି ଅବସରରେ ଜେଡ୍‌ଏଚ୍‌ଏଲ୍‌ର ମାର୍କେଟିଂ ଓ ଯୋଗାଯୋଗ ମୁଖ୍ୟ ପ୍ରିୟଙ୍କା ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅତିଥି ଭାବେ ଜେଡ୍‌ଏଚ୍‌ଏଲ୍‌ର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ଉପସ୍ଥିତ ଥିଲେ। ସମ୍ମାନିତ ହୋଇଥିବା କ୍ରିୟୁ ସଦସ୍ୟ ହେଲେ, ଭାଗୀରଥି ମହାନ୍ତ, ନଗେନ ବାଗ, ଶରତ କୁମାର ଜେନା, ଶିଶିର କୁମାର ରାଉତ, ରମେଶ ନାହାକ, ଏସକେ ଜହିରୁଦ୍ଦିନ, ପ୍ରଶାନ୍ତ କୁମାର ନାୟକ, ଶୋଭ୍ରମ ସବର, ପଙ୍କଜ କୁମାର ଖରା, ଧ୍ରୁଭ ମାଝୀ, ତାରାନିସେନ ସାହୁ, ନିରୋଜ ଭୋଇ, ରମାକାନ୍ତ ମହାନ୍ତ, ଶକ୍ତି ମହାନ୍ତି, ବୈଜୟନ୍ତ ପ୍ରଧାନ, ରମେଶ ପାତ୍ର, ଶିବାନନ୍ଦ ଦାସ, ସଞ୍ଜୟ ଦଳବେହେରା, ମାନସ ରଞ୍ଜନ ଦିଗଲ, ପ୍ରକାଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ମହାରଣା, ବିପିନ ବିହାରୀ ପ୍ରଧାନ ଓ ଭାଗୀରଥି ମହାନ୍ତି। ସେହିପରି ୭ଜଣ କ୍ଲଷ୍ଟର ଲିଡର ହେଲେ କରନ ସାହୁ, ଅମର ବିପ୍ଳବ ପଣ୍ଡା, ପ୍ରଦୀପ ରାମ, ସୁବ୍ରତ ସିଟ, ନିତ୍ୟାନନ୍ଦ ଡାକୁଆ, ସୌମେନ୍ଦ୍ର ମହାପାତ୍ର ଓ ସୁନୀଲ କୁମାର ପାଢ଼ୀ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଆମ୍ବୁଲାନ୍ସ କର୍ମଚାରୀ ।

## ସଂକ୍ଷେପରେ

### ଭତ୍ତା ଟଙ୍କା ବୃଦ୍ଧି କରାଯାଉ

ବୋଲଗଡ଼,୨୨।୩(ଡି.ଏନ୍.ଏ.): ବିଧାୟକଙ୍କ ଦରମା ବୃଦ୍ଧି ପୂର୍ବରୁ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବୃଦ୍ଧି କରିବା ପାଇଁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀ ଆମ୍ ଆଦମୀ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଫାଶିଓଦା ପଞ୍ଚାୟତ ରଘୁନାଥ ଦେବ ମଠ ପରିସରରେ ଲକ୍ଷ୍ମୀଧର ମହାପାତ୍ରଙ୍କ ଆବାହକତ୍ୱରେ ଏକ ସଭା ଆୟୋଜିତ ହୋଇଯାଇଛି। କଳ୍ପତରୁ ପଣ୍ଡା. କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅକ୍ରୁର ସେଠୀ ଧନ୍ୟବାଦ ଦେଇଥିଲେ। ମୁବାରକ୍ ଅଲୀ ଖାନ୍, ଅଖିଳ ବିଶ୍ୱାଳ, ଭାସ୍କର ମହାପାତ୍ର, ଲକ୍ଷ୍ମଣ ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

### ଗ୍ରୀନ୍ ପାରିକୁଦ ପକ୍ଷରୁ ଚିଲିକା କୂଳ ସଫେଇ

କୃଷ୍ଣପ୍ରସାଦ,୨୨।୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ କୃଷ୍ଣପ୍ରସାଦ ଗଡ଼ ଘିମୁଦା ଘାଟ ପେଣ୍ଠଠାରେ ବୁଧବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କୁମାର ସିଂହ, ବଡ଼ଅଁଳ ସରପଞ୍ଚଙ୍କ ପ୍ରତିନିଧି ନାଲୁ ପ୍ରଧାନ, ସାମାଜିକକର୍ମୀ ବିଷ୍ଣୁ ଚରଣ ବେହେରା, ଭଗବାନ ତରେଇ, ବୋଇତ ବନ୍ଦାଣ ପରିଚାଳନା କମିଟି ସଭାପତି ବାଉରି ବନ୍ଧୁ ଦଳେଇ, ସାଇ ଅନୁଷ୍ଠାନ ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, ବିରଞ୍ଚି ଦାସ, ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇ ଚିଲିକା କୂଳକୁ ପ୍ରଦୂଷିତ କରୁଥିବା ଆବର୍ଜନାକୁ ସଫେଇ କରିଥିଲେ। ପଲଥିନ ବର୍ଜନ, ପରିବେଶ ଓ ଚିଲିକା ସୁରକ୍ଷା ଆଦି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ସହ ଡଷ୍ଟବିନ ବ୍ୟବହାର କରିବାକୁ ଆଇଆଇସି ନାୟକ ପରାମର୍ଶ ଦେଇଥିଲେ।

### ନିର୍ମାଣାଧୀନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କଲେ ସଞ୍ଜୟ

ପୁରୀ ଅଫିସ,୨୨।୩

ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ବୁଧବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ନିଆଳପୁର ପଞ୍ଚାୟତ ଗସ୍ତ କରିଗୋବିନ୍ଦପୁର ଗ୍ରାମରେ ନିର୍ମାଣଧୀନ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧାନ କରିଛନ୍ତି। ଏହାପରେ ନିଆଳପୁରଠାରେ ନିର୍ମାଣଧୀନ ପଞ୍ଚାୟତ ଭବନ ଏବଂ ମାବସନ୍ତାଇଙ୍କ ପାଖରେ ନିର୍ମାଣଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧାନ କରିଥିଲେ। ଦାସବର୍ମା କହିଛନ୍ତି, ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଭଳି କଠିନ ପରିସ୍ଥିତିକୁ ମୁକାବିଲା ଓ ସୁରକ୍ଷା ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ଭଳି ଯୋଜନା ସମ୍ଭବ ହୋଇପାରିଛି। ସମୀକ୍ଷା ସମୟରେ ଜିଲା ପରିଷଦଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ବ୍ଲକ ଉପାଧକ୍ଷଙ୍କ ପ୍ରତିନିଧି ବିଜୟ କୁମାର ଦଳାଇ ଓ ନିଆଳପୁର ପଞ୍ଚାୟତ ସମିତିସଭ୍ୟ ସୁକଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲିଅନ୍ତା ବଜାରରୁ ବାଇକ୍ ଚୋରି

ବାଲିଅନ୍ତା,୨୨।୩(ଡି.ଏନ୍.ଏ.)- ସ୍ଥାନୀୟ ବାଲିଅନ୍ତା ବଜାର ଡେଲ୍‌ଟା ଛକ ନିକଟ ରାସ୍ତାରେ ପାର୍କିଂ ସ୍ଥାନରୁ ବୁଧବାର ଅପରାହ୍ନ ସାଢେ ୫ଟା ସମୟରେ ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱରରେ ରହୁଥିବା ବେଣୁପୁର ଗ୍ରାମର କାଳୀଚରଣ ବେହେରା ବାଇକ୍ (ଓଡି ୩୩ କେ ୮୯୪୫)କୁ ରାସ୍ତା ପାର୍ଶ୍ୱ ପାର୍କିଂରେ ରଖି ବାଲିଅନ୍ତା ହାଟକୁ ଯାଇଥିଲେ। ହାଟରୁ ୧୫ ମିନିଟରେ ଫେରିବା ବେଳକୁ ପାର୍କିଂରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ।

# ଅତିଥି ଭବନ ପାଇଁ ନବୀନଙ୍କୁ କୃତଜ୍ଞତା ଜଣାଇଲେ ମମତା

- ସେବାୟତଙ୍କୁ ନିଜେ ବାଢ଼ିଲେ ମହାପ୍ରସାଦ
- ଦିଦିଙ୍କୁ ନିକଟରେ ଦେଖି ଖୁସି ହେଲେ ଶ୍ରଦ୍ଧାଳୁ

ପୁରୀ ଅଫିସ,୨୨।୩



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତେବେ ମମତାଙ୍କ ଦର୍ଶନ ସମ୍ପର୍କରେ ତାଙ୍କ କୌଳିକ ଗୁରୁ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ମମତା ବାନାର୍ଜୀ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନ ରଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀମନ୍ଦିର ବେଢ଼ା ବୁଲିବା ସହ ଧ୍ୱଜା ବନ୍ଧା ଦେଖିଲେ। ତାଙ୍କ ନାମରେ ଧ୍ୱଜା ବାନା ଶ୍ରୀନୀଳଚକ୍ରରେ ଲାଗିଥିଲା। ଏହି ଅବସରରେ ସେ ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନ କରିବାକୁ ଦେଇଥିଲେ। ବ୍ରାହ୍ମଣମାନଙ୍କୁ ଦକ୍ଷିଣା ମଧ ଦେଇଥିଲେ। ସେହିପରି ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ଓ ତାଙ୍କ ଦଳ ଭଲ ପ୍ରର୍ଦଶନ ଯେପରି କରିବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅପରପକ୍ଷେ ପୁରୀରେ ବଙ୍ଗାଳି ଅତିଥି ଭବନ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଜମି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ତାଙ୍କ କୋଲକାତା ଆସିବା ପାଇଁ ମମତା ନିମନ୍ତ୍ରଣ କରିଥିବା ସ୍ୱାଇଁ ମହାପାତ୍ର କହିଛନ୍ତି। ସେହିପରି ମମତା ବାନାର୍ଜୀଙ୍କ କୌଳିକ ପଣ୍ଡା ତଥା ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଳତି କରି ମମତା ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ବ୍ରାହ୍ମଣମାନଙ୍କୁ ନିଜ ହାତରେ ମହାପ୍ରସାଦ ବାଢ଼ିଥିଲେ। ଏଥିସହ ସେ ମଧ ମହାପ୍ରସାଦ ସେବନ କରିଥିଲେ। ଏହି ଅବସରରେ ମମତା ବାର୍ନାଜୀ ଶ୍ରୀମନ୍ଦିର ଆସିଥିବା ନେଇ ଖାତାରେ ଦସ୍ତଖତ କରିଛନ୍ତି। ସେହିପରି ପୁରୀରେ ଏକ ବଙ୍ଗଳୀ ଅତିଥି ଭବନ ନିର୍ମାଣ ନେଇ ମମତାଙ୍କ ବହୁ ଦିନରୁ ଆଶା ଥିଲା। ରାଜ୍ୟ ସରକାର ଯୋଗାଇ ଦେଇଥିବା ଜାଗା ତାଙ୍କର ମନ ପସନ୍ଦ ହୋଇଛି। ମମତା ବାର୍ନାଜୀଙ୍କ ନାମରେ ଧ୍ୱଜା ବାନ୍ଧିଥିବା ଶ୍ରୀମନ୍ଦିର ଚୂନରା ସେବକ ନରସିଂହ ମହାପାତ୍ରଙ୍କ କହିବା ଅନୁଯାୟୀ, ମମତା ବାର୍ନାଜୀ ଦେଶ, ପଶ୍ଚିମବଙ୍ଗବାସୀଙ୍କ ମଙ୍ଗଳ କାମନା କରି ନୀଳଚକ୍ରରେ ଧ୍ୱଜା ବାନ୍ଧିଛନ୍ତି। ତେବେ ଶ୍ରୀମନ୍ଦିରର ଲକ୍ଷ୍ମୀ ମନ୍ଦିର ପାଖରେ ପତିତପାବନ ବାନା ଦେଇ ସଂକଳ୍ପ କରାଇଥିଲେ। ପରେ ସେ ନରସିଂହଙ୍କୁ ସାନ ଭାଇ ବୋଲି ସମ୍ବୋଧନ କରିଥିଲେ। ପରେ ନୃସିଂହ ଶ୍ରୀମନ୍ଦିର ଉପରକୁ ଯାଇ ନୀଳଚକ୍ରରେ ୧୪ହାତିଆ ହଳଦିଆ ରଙ୍ଗର ବାନା ବାନ୍ଧିଥିଲେ। ତେବେ ଧ୍ୱଜା ବନ୍ଧାକୁ ମମତା ଦେଖିଥିବା ବେଳେ ନରସିଂହ ତଳକୁ ଆସି ତାଙ୍କୁ ଏକ ପତିତପାବନ ବାନା ଦେଇଥିଲେ। ଅନ୍ୟପଟେ ମମତା ବାନାର୍ଜୀଙ୍କୁ ଦେଖବା ପାଇଁ ରାସ୍ତା ଓ ଶ୍ରୀମନ୍ଦିର ନିକଟରେ ଅନେକ ଲୋକ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଏପରିକି ଅନେକ ବଙ୍ଗାଳୀ ପର୍ଯ୍ୟଟକ ମଧ ଅପେକ୍ଷା କରିଥିଲେ। ଏ ନେଇ ଜଣେ ବଙ୍ଗାଳୀ ଶ୍ରଦ୍ଧାଳୁ ସ୍ନିଗ୍ଧା ମୁଖାର୍ଜୀ କହିଛନ୍ତି, କୋଲକାତାରୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପଶ୍ଚିମବଙ୍ଗର ମା'ଭାବେ ପରିଚିତ ମମତା ବାନାର୍ଜୀଙ୍କୁ ଦେଖି ବହୁତ ଭଲ ଲାଗିଲା। ସେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ମମତା ବାନାର୍ଜୀ ଆସୁଥିବା ଶୁଣି ଅଟକି ଯାଇଥିଲେ। ବାଇଶି ପାହାଚରେ ସେ ମମତା ଦିଦିଙ୍କ ସହ ଦେଖା ହୋଇ ଖୁସି ହୋଇଥିଲେ।

# ଇଡ୍‌କୋ କଣ୍ଟ୍ରାକ୍ଟର୍ସ ଆସୋସିଏଶନ୍‌ର ବିକ୍ଷୋଭ



ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଇଡ୍‌କୋ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ପକ୍ଷରୁ ଇଡ୍‌କୋ ଅଫିସ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମାର୍ଚ୍ଚ ଶେଷ ହେବାକୁ ବସିଥିବାବେଳେ ଇଡ୍‌କୋର ମନ୍ଥର କାଗଜପତ୍ର କାମ ଓ ମାର୍ଚ୍ଚ ଶେଷ ହେବାକୁ ଥିବାବେଳେ ବକେୟା ବିଲ୍ ମିଳିନଥିବାରୁ କଣ୍ଟ୍ରାକ୍ଟରମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଥିଲେ। ପରେ ଇଡ୍‌କୋ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏ ବାବଦରେ ଖୁବ୍ ଶୀଘ୍ର ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ବିକ୍ଷୋଭରୁ ଓହରିଥିଲେ। ଆସୋସିଏଶନର ହୃଦୟ ସାମନ୍ତରାୟ କହିଛନ୍ତି, କାଗଜପତ୍ର କାମ ମନ୍ଥର ଗତିରେ ହେଉଥିବାରୁ ବର୍ଷ ବର୍ଷ ଧରି ଆମେ ହଇରାଣ ହେଉଛୁ। ଠିକ ସମୟରେ ଆମକୁ ଟଙ୍କା ମିଳୁନି। ଟେଣ୍ଡରରେ ଅନିୟମିତତା କରାଯାଉଛି। ଅଧିକାରୀମାନେ ମନଇଚ୍ଛା ଟେଣ୍ଡର ଡାକୁଛନ୍ତି, ଯେଉଁଥିପାଇଁ ଛୋଟ ଛୋଟ କଣ୍ଟ୍ରାକ୍ଟରମାନେ ହଇରାଣ ହେଉଛନ୍ତି। ସେହିପରି ଟେଣ୍ଡର ପରେ କାମ ବଦଳି ଯାଉଛି। ଅନେକ ସମୟରେ ଆମେ ଫାଇନ ଦେଉଛୁ। ସଂସ୍ଥା ଭୁଲ୍ କରୁଛି ଆମେ ଫାଇନ ଦେଉଛୁ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପୁଣି ପ୍ରତିବାଦ କରାଯିବ। ଏହି ବିକ୍ଷୋଭରେ ସନ୍ତୋଷ କୁମାର ସ୍ୱାଇଁ, ଲଲାଟ କିଶୋର ଜେନାଙ୍କ ସହ ପାଖାପାଖି ୨୦ରୁ ଅଧିକ କଣ୍ଟ୍ରାକ୍ଟର ସାମିଲ ହୋଇଥିଲେ।

**'ଶୀଘ୍ର କାଗଜ କାମ ସାରି ବକେୟା ବିଲ୍ ଦିଅ'**



ଖୋର୍ଦ୍ଧା: ଶ୍ରୀରାମକୃଷ୍ଣ ଗୋସେବା କେନ୍ଦ୍ର(ଟ୍ରଷ୍ଟ) ଆନୁକୂଲ୍ୟରେ ପୁରୁସାହିଠାରେ ଶ୍ରୀରାମକୃଷ୍ଣ ଗୋଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗୋଭକ୍ତ ଏବଂ ଅନ୍ୟମାନେ।

# ଶ୍ରୀରାମକୃଷ୍ଣ ଗୋଶାଳା ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୨୨।୩

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ଖୋର୍ଦ୍ଧା ବ୍ଲକ ପୁରୁସାହିଠାରେ ଶ୍ରୀ ରାମକୃଷ୍ଣ ଗୋସେବା କେନ୍ଦ୍ର(ଟ୍ରଷ୍ଟ) ଆନୁକୂଲ୍ୟରେ ଶ୍ରୀରାମକୃଷ୍ଣ ଗୋଶାଳା ଉଦ୍‌ଘାଟିତ ହୋଇଯାଇଛି। ଗୋମାତାର ପୂଜନ, ଆଳତି ସହ ବେଦପାଠର ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ପ୍ରଥମ ପର୍ଯ୍ୟାୟରେ ରାସ୍ତାକଡ଼ରୁ ଉଦ୍ଧାର ହୋଇଥିବା ୧୩ ଗୋରୁଙ୍କୁ ରଖାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ବହୁ ଗୋଭକ୍ତ ଯୋଗଦେଇଥିଲେ। ଗୋମାତାକୁ ସବୁଜ ଚାରା, ଗୋଖାଦ୍ୟ ଅର୍ପଣ ସହ ପୂଜନ କରିଥିଲେ।ଏନେଇ ଗୋମାହାତ୍ମ୍ୟ ଉପରେ ପ୍ରବଚନ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ଗୋସେବା ଟ୍ରଷ୍ଟ ସଭାପତି ବିକାଶ ସ୍ୱାଇଁ କୁହନ୍ତି, ୩ ବର୍ଷ ହେବ ଏହି କାର୍ଯ୍ୟ ଜାରି ରହିଛି। କରୋନା ସମୟରେ ରାସ୍ତାକଡ଼ରେ ରହୁଥିବା ଗୋରୁଙ୍କୁ ଦାନା, ପାଣି ଯୋଗାଇବାଠାରୁ ଗୋସେବା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କ ସେବା କରାଯାଇଛି। କେଉଁଠି ଗାଈଟିଏ ଅସହାୟ ଅବସ୍ଥାରେ ପଡ଼ିଥିବା ଖବର ଆସିଲେ ତୁରନ୍ତ ଟ୍ରଷ୍ଟ ପକ୍ଷରୁ ସେବା ଦିଆଯାଉଛି। ଏହି କାର୍ଯ୍ୟରେ ଅନେକ ଗୋଭକ୍ତ ଯୋଡ଼ି ହୋଇଛନ୍ତି। ଟ୍ରଷ୍ଟ ସମ୍ପାଦକ ତାପସ ସାମନ୍ତରାୟ କୁହନ୍ତି, ଭାରତୀୟ ଗୋବଂଶ ହେଉଛ ଆମ ସଂସ୍କୃତିର ପ୍ରତୀକ। ଗୋବଂଶର ସମୃଦ୍ଧି, ବିକାଶ ସମ୍ବର୍ଦ୍ଧନାରେ ଦେଶର ବିକାଶ ନିର୍ଭର। ଗ୍ରାମୀଣ ସଂସ୍କୃତିର ଆଧାର ହେଉଛି ଭାରତୀୟ ଗୋବଂଶ। ଏହାର ବିକାଶ, ସୁରକ୍ଷା ଲାଗି ଏହି ପ୍ରୟାସ ଆରମ୍ଭ ହୋଇଛି। ଆଗକୁ ଏହାକୁ ବ୍ୟାପକ କରାଯିବ। ଗୋଭକ୍ତ ଉଦିତ ନାରାୟଣ କୁହନ୍ତି, ଗୋମାତାଙ୍କ ସେବା କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ। ୧୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଗୋଚାଲାଣ ବନ୍ଦ, ଗୋସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ଗୋଶାଳା ଆରମ୍ଭ ହୋଇଛି। ଆଗକୁ ଗୋଭକ୍ତ, ଚାଷୀଙ୍କୁ ନେଇ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ବିଭୁରେନ୍ଦ୍ର, ସୌଭାଗ୍ୟ ପାଢ଼ୀ, ଶୁଭମ୍ ରାମ, ଚନ୍ଦନ ବରାଳ, ପ୍ରଶାନ୍ତ ସାହୁଙ୍କ ସମେତ ଏକାଧିକ ଗୋଭକ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି, ଗୋଭକ୍ତମାନେ ଏକାଠି ଗୋମାତାଙ୍କ ଆଳତି, ପୂଜାର୍ଚ୍ଚନା କରିଥିଲେ।

# ଆରାଧନା ନୃତ୍ୟ ଉତ୍ସବ ଆରମ୍ଭ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଆରାଧନା ନୃତ୍ୟ ମନ୍ଦିର ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଆରାଧନା ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଓ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ସମେତ ଅନୁଷ୍ଠାନର ସଭାପତି ଡମ୍ବରୁଧର ପାତ୍ର, ଉପସଭାପତି ଅକ୍ଷୟ କୁମାର ପରିଡ଼ା ଓ ସମ୍ପାଦକ ଗୁରୁ ରଞ୍ଜନ କୁମାର ନାଥ ଶର୍ମା ଯୋଗଦେଇଥିଲେ। ଏହି ଅବସରରେ ପାଲା ଗାୟକ ଅମରେନ୍ଦ୍ର ପଟ୍ଟନାୟକ ଓ ଅଭିନେତା ଦୀପଙ୍କର ପଟ୍ଟନାୟକଙ୍କୁ 'ପ୍ରତିଭା ସମ୍ମାନ' ଏବଂ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ ନୃତ୍ୟ ଗୁରୁ ଭରତ ଚନ୍ଦ୍ର ଗିରି, ଓଡିଶୀ ଶାସ୍ତ୍ରୀୟ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଓ ତବଲା ବାଦକ ଗୁରୁ କରୁଣାକର ଦାଶଙ୍କୁ 'ତ୍ରିବିଦ୍ୟା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡିଶୀ ନୃତ୍ୟ ସହ ଲୋକନୃତ୍ୟ ଏବଂ ଚିତ୍ରାଙ୍କନ କରାଯାଇଥିଲା। ପ୍ରାରମ୍ଭରେ ଉତ୍କଳିନୀ ଦାସ ଓ ଆଶା ବାରିକ ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଡ. ଧୀରଜ କୁମାର ମହାପାତ୍ର। ପରେ ମଧୁଛନ୍ଦା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଆରାଧନା ନୃତ୍ୟ ମନ୍ଦିରର ଛାତ୍ରୀଛାତ୍ର ଚିତ୍ରକଳା ପରିବେଷଣ କରିଥିଲେ। ପରେ ତାଳଚେରର ଭବାନୀ କଲ୍‌ଚରାଲ ଗ୍ରୁପ, କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ଓ ଆରାଧନା ନୃତ୍ୟ ମନ୍ଦିର ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା।

**ସମ୍ମାନିତ ହେଲେ ୬ ପ୍ରତିଭା**



# ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଅନ୍ତା,୨୨।୩(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସମବାୟ ସମିତିର ୫୯ତମ ବାର୍ଷିକ ସାଧାରଣ ସଭା ବୁଧବାର ସ୍ଥାନୀୟ ପ୍ରାଚୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ବିପିନ୍ ପାତ୍ର, ବେଣ୍ଟପୁର ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ଝରଣା ସ୍ୱାଇଁ, ଭିଙ୍ଗାରପୁର ପଞ୍ଚାୟତ ସମିତି ସଭ୍ୟ ଗଗନ ବିହାରୀ ସାହୁ, ମାର୍କଫେଡ୍‌ର ଡାଇରେକ୍ଟର ମମତା ସାହୁ, ସମିତି ସଭାପତି ରବୀନ୍ଦ୍ର ଜେନା, ପୂର୍ବତନ ସଭାପତି ବିଚିତ୍ରାନନ୍ଦ ଦାସ ଓ ବଟକୃଷ୍ଣ ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସମିତି ସମ୍ପାଦକ ଜଗମୋହନ ଦାଶ ବାର୍ଷିକ ବିବରଣୀ ପାଠ କରିବା ସହିତ ଋଣ ଲଗାଣ ଓ ଆଦାୟ ଉପରେ ଗୁରୁତ୍ୱ ଦେଇଥିଲେ। ସଭାକୁ ଡାଇରେକ୍ଟର ମନୋଜ ନାୟକ ପରିଚାଳନା କରିଥିବାବେଳେ ସହ ସମ୍ପାଦକ କିଶୋର ଭୋଇ ସହଯୋଗ କରିଥିଲେ।

# ସମ୍ମାନିତ ହେଲେ ୩୧ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଓଡିଶାରେ ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ୍ (ଜେଡ୍‌ଏଚ୍‌ଏଲ୍) ପକ୍ଷରୁ ବୁଧବାର ସୂଚନା ଭବନଠାରେ ୩୧ଜଣ ଆମ୍ବୁଲାନ୍ସ କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କର୍ମଚାରୀଙ୍କ ୧୬ଜଣ ମେଧାବୀ ପିଲାଙ୍କୁ ମଧ ପୁରସ୍କୃତ କରାଯାଇଛି। ଜିକିତ୍ସା ଓଡ଼ିଶା ସ୍କଲାରଶିପ ୨୦୨୩ରେ ୭ଜଣ କ୍ଲଷ୍ଟର ଲିଡର ଓ ୨୪ଜଣ କ୍ରିୟୁ ମେମ୍ବରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଛି। ଏହି ଅବସରରେ ଜେଡ୍‌ଏଚ୍‌ଏଲ୍‌ର ମାର୍କେଟିଂ ଓ ଯୋଗାଯୋଗ ମୁଖ୍ୟ ପ୍ରିୟଙ୍କା ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅତିଥି ଭାବେ ଜେଡ୍‌ଏଚ୍‌ଏଲ୍‌ର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ଉପସ୍ଥିତ ଥିଲେ। ସମ୍ମାନିତ ହୋଇଥିବା କ୍ରିୟୁ ସଦସ୍ୟ ହେଲେ, ଭାଗୀରଥି ମହାନ୍ତ, ନଗେନ ବାଗ, ଶରତ କୁମାର ଜେନା, ଶିଶିର କୁମାର ରାଉତ, ରମେଶ ନାହାକ, ଏସକେ ଜହିରୁଦ୍ଦିନ, ପ୍ରଶାନ୍ତ କୁମାର ନାୟକ, ଶୋଭ୍ରମ ସବର, ପଙ୍କଜ କୁମାର ଖରା, ଧ୍ରୁବ ମାଝୀ, ତାରାନିସେନ ସାହୁ, ନିରୋଜ ଭୋଇ, ରମାକାନ୍ତ ମହାନ୍ତ, ଶକ୍ତି ମହାନ୍ତି, ବୈଜୟନ୍ତ ପ୍ରଧାନ, ରମେଶ ପାତ୍ର, ଶିବାନନ୍ଦ ଦାସ, ସଞ୍ଜୟ ଦଳବେହେରା, ମାନସ ରଞ୍ଜନ ଦିଗଲ, ପ୍ରକାଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ମହାରଣା, ବିପିନ ବିହାରୀ ପ୍ରଧାନ ଓ ଭାଗୀରଥି ମହାନ୍ତି। ସେହିପରି ୭ଜଣ କ୍ଲଷ୍ଟର ଲିଡର ହେଲେ କରନ ସାହୁ, ଅମର ବିପ୍ଲବ ପଣ୍ଡା, ପ୍ରଦୀପ ରାମ, ସୁବ୍ରତ ସିଟ, ନିତ୍ୟାନନ୍ଦ ଡାକୁଆ, ସୌମେନ୍ଦ୍ର ମହାପାତ୍ର ଓ ସୁନୀଲ କୁମାର ପାଢ଼ୀ।

# ବିଡିଏ ଅଧୀନ ପାର୍କରେ ମିଳିବ ମିଲେଟ୍ ଉତ୍ପାଦ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜଧାନୀବାସୀଙ୍କ ଜୀବନଯାପନ ଶୈଳୀକୁ ସରଳ ଓ ଉନ୍ନତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ପାର୍କ ନିର୍ମାଣ ଓ ପୁନରୁଦ୍ଧାର କରାଯାଉଛି। ସହରରେ ବିଡିଏ ଅଧୀନରେ ୭୦ଟି ପାର୍କ ରହିଛି। ଏଥିମଧ୍ୟରୁ କେତେକ ପାର୍କ ପାଇଁ ନୂଆ ଯୋଜନା ହାତକୁ ନିଆଯାଇଛି। ଏବେ ରାଜ୍ୟ ସରକାରଙ୍କ ମିଲେଟ୍ ମିଶନ ଅଧୀନରେ ଏହି ପାର୍କଗୁଡ଼ିକରେ ମିଲେଟ୍ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥ ଉପଲବ୍ଧ ହେବ। ପ୍ରାଥମିକ ପର୍ଯ୍ୟାୟରେ ୪୦ ପାର୍କରେ ଏହି ମିଲେଟ୍ ଉତ୍ପାଦ ମିଳିବ। ଏନେଇ ବିଡିଏର ମୁଖ୍ୟ ଉଦ୍ୟାନବିତ୍ ଅଶୋକାନନ୍ଦ ଧର ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି।

ପ୍ରତିଦିନ ପାର୍କକୁ ଆସୁଥିବା ସହରବାସୀଙ୍କ ପାଇଁ ଏହି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରଦାର୍ଥ ଆଦୃତ ହେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ମିଶନ ଶକ୍ତି ମହିଳାମାନେ ପାର୍କରେ ଛୋଟ ଛୋଟ ଷ୍ଟଲ କରି ବ୍ୟବସାୟ କରିପାରିବେ। ମିଲେଟରେ ପ୍ରସ୍ତୁତ ମୋମୋ, ବରା, ପିଠା, ସେଉ, ଗାଣ୍ଠିଆ, ମିକ୍ସଚର୍, ବିସ୍କୁଟ୍, କେକ୍, ମୁଡକି ଭଳି ସ୍ୱାଦିଷ୍ଟ ଖାଦ୍ୟ ଏଠାରେ ମିଳିବ। ସୁଲଭ ମୂଲ୍ୟରେ ଗ୍ରାହକଙ୍କ ଚାହିଦା ଅନୁସାରେ ବିଭିନ୍ନ ଉତ୍ପାଦ ବିକ୍ରୟ ହେବ। ମିଲେଟ୍ ଉତ୍ପାଦ ବିକ୍ରୟ ଦ୍ୱାରା ଉଭୟ ନାଗରିକ, ବ୍ୟବସାୟୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ବିଡିଏ ଅଧୀନରେ ଥିବା ୭୦ଟି ପାର୍କ ମଧ୍ୟରୁ ୪୦ଟିରେ ମୁକ୍ତାକାଶ ବ୍ୟାୟାମଶାଳା ଓ ଅନ୍ୟ ୪ଟିରେ ମଲ୍ଟି ଜିମ୍ ବ୍ୟବସ୍ଥା ରହିଛି। ପାର୍କରେ ଯୋଗାସନ ବ୍ୟାୟାମ, ଖେଳାବୁଲା ପାଇଁ ବିଶେଷ ସୁବିଧା ରହିଛି। ବିଡିଏର ଏହି ପାର୍କଗୁଡ଼ିକ ନିଃଶୁଳ୍କ ରହିଥିବାରୁ ଲୋକେ ବ୍ୟୟବହୁଳ ଜିମ୍ ଯିବା ପରିବର୍ତ୍ତେ ପାର୍କ ଆସିବାକୁ ପସନ୍ଦ କରୁଛନ୍ତି। ଛୁଟି ଦିନଗୁଡ଼ିକରେ ଅଧିକ ସଂଖ୍ୟାରେ ଲୋକ ଏଠାକୁ ଆସନ୍ତି। ପିଲାମାନେ ଦୋଳି ଖେଳର ମଜା ନିଅନ୍ତି। ପାର୍କଗୁଡ଼ିକୁ ସଫାସୁତୁରା ରଖିବା ସହ ସର୍ବସାଧାରଣ ସମ୍ପତ୍ତିକୁ କ୍ଷତି ନ ପହଞ୍ଚାଇବା ପାଇଁ ବିଡିଏ ପକ୍ଷରୁ ଅପିଲ କରାଯାଇଛି।

# ହୋର୍ଡିଂ ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

**ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ**



କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଗୁଲୁ ପାତ୍ର (୪୩)। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ଛକାପଞ୍ଝା ପରେ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଯୁବକ ଜଣକ ଜଣେ ଡ୍ରାଇଭର ହୋଇଥିବାବେଳେ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ପରିବାର ଲୋକ ଓ ସହଯୋଗୀମାନେ ତାଙ୍କୁ ମାନୁ ନ ଥିବାରୁ ସେ ଆତ୍ମହତ୍ୟା କରିବାକୁ ପ୍ରୟାସ କରୁଥିଲେ ବୋଲି ଗୁଲୁ କହିଛନ୍ତି। ତାଙ୍କୁ ଥାନାରେ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଯଦି ପରିବାର ଲୋକ ନ ଆସନ୍ତି, ତେବେ ଗୁଲୁଙ୍କୁ ଏକ ଡିଷ୍ଟ୍ରେସ୍ ସେଣ୍ଟରରେ ଛାଡ଼ିଦେବୁ ବୋଲି ଥାନାଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଗୁଲୁ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ିଯାଇଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଏକ ଦୌଡ଼ିରେ ବାନ୍ଧି ତଳକୁ ଓହ୍ଲାଇଥିଲେ। ଉଲ୍ଲେଖଯୋଗ୍ୟ, ୩ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ ସମାନ ଘଟଣା ଘଟିଥିଲା। ନବୀନ ପଟ୍ଟନାୟକଙ୍କୁ ୯ବର୍ଷ ତଳର ପ୍ରତିଶ୍ରୁତିକୁ ମନେପକାଇ ଦେବାକୁ ରାଉରକେଲାରୁ ଚାଲି ଚାଲି ଆସି ଭୁବନେଶ୍ୱରରେ ପହଞ୍ଚିଥିବା ମୁକ୍ତିକାନ୍ତ ମଣ୍ଡଳଙ୍କୁ ନବୀନ ନିବାସ ଛଡ଼ା ନ ଯିବାରୁ ସେ ଡିସେମ୍ବର ୨୧ରେ ଉକ୍ତ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଗ୍ନିଶମ ଟିମ୍ ତାଙ୍କୁ ବହୁତ କଷ୍ଟରେ ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ବନ ବିଭାଗକୁ ହରିଣ ହସ୍ତାନ୍ତର କଲେ ଗ୍ରାମବାସୀ

**ଅସ୍ତରଙ୍ଗ,୨୨।୩(ଡି.ଏନ୍.ଏ.):** ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଆଲସାହି ନଟିଆ ଛକ ନିକଟରେ ଏକ ହରିଣ ଗାଁ ମଧକୁ ପଶି ଆସିଥିଲା। ସ୍ଥାନୀୟ ଲୋକେ ହରିଣକୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅନୁଦାନ କେବଳ କାଗଜ କଲମରେ ଦର୍ଶାଯାଇଥିବା କୁହାଯାଉଛି। ଗତ କିଛି ଦିନ ହେବ ଖାଦ୍ୟ ସନ୍ଧାନରେ ହରିଣ ଗାଁମୁହାଁ ହେଉଛନ୍ତି। ଫଳରେ ଅଧିକାଂଶ ହରିଣ ଆହତ ହେଉଥିବା ବେଳେ ଅନ୍ୟ କେତେକ ବିଭିନ୍ନ ଜନ୍ତୁର ଶିକାର ହୋଇ ମୃତ୍ୟୁ ମଧ ଘଟୁଛି। ତେଣୁ ଏଥିପ୍ରତି ସ୍ଥାନୀୟ ବନ ବିଭାଗ ଦୃଷ୍ଟି ଦେଉ ବୋଲି ଗ୍ରାମବାସୀ ଦାବି କରୁଛନ୍ତି।

### ପାରା ମେଡିକାଲ ବିଜ୍ଞାନ ସ୍ୱାସ୍ଥ୍ୟସେବାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ

**ପୁରୀ ଅଫିସ,୨୨।୩:** ଫାର୍ମାସୀ ଶିକ୍ଷାନୁଷ୍ଠାନ ଆଇଏମ୍‌ଟି ଫାର୍ମାସୀ କଲେଜର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୁରୀ ଗୋପାଳପୁରସ୍ଥିତ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର ପ୍ରମୁଖ ଯୋଗଦେଇଥିଲେ। କଲେଜରେ ଅଧ୍ୟୟନରତ ଫାର୍ମାସୀ, ଫିଜିଓଥେରାପି, ଲାବୋରେଟୋରୀ ଟେକ୍ନିସିଆନ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କୋଭିଡ୍ ମହାମାରୀପରଠାରୁ ପାରା ମେଡିକାଲ ବିଜ୍ଞାନ ପ୍ରତି କେନ୍ଦ୍ର ତଥା ରାଜ୍ୟ ସରକାର ଅଧିକ ଜୋର ଦେଉଛନ୍ତି ଏବଂ ସ୍ୱାସ୍ଥ୍ୟ ସେବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ.ବିଶ୍ୱନାଥ ରଥ ଏହି କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଓଡ଼ିଶାର କୋଣ ଅନୁକୋଣରେ ଚିକିତ୍ସାଳୟରେ ସେବା ପ୍ରଦାନ କରି ସୁନାମ ଅର୍ଜନ କରୁଥିବା କଥା ବଖାଣିଥିଲେ। ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ମନୋଜ ରଥ ଅତିଥି ପରିଚୟ ଦେଇଥିଲେ। ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ଅନ୍ନଦା ପ୍ରସାଦ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ପ୍ରଫେସର ଦେବାଶିଷ ମିଶ୍ର, ଅଧାପିକା ଜ୍ୟୋତିର୍ମୟୀ ଦାସ ମଞ୍ଚ ପରିଚାଳନା କରିଥିଲେ। କଲେଜର ବାର୍ଷିକ କ୍ରୀଡା ଉତ୍ସବର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି, ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧାପକ ସମୀର ପାତ୍ର, ଜଗନ୍ନାଥ ମିଶ୍ର, ଆଲୋକ ବେହେରା, କମଳାକାନ୍ତ ଆଚାର୍ଯ୍ୟ, ଅଧାପିକା ଅଳକା କର, ଭାଗ୍ୟଶ୍ରୀ ମିଶ୍ର, ଜୟଶ୍ରୀ ଜ୍ୟୋତିଦର୍ଶିନୀ ଓ ସହଯୋଗୀ କର୍ମଚାରୀ ସଞ୍ଜୟ ବେହେରା, ଆଦିତ୍ୟ ପ୍ରଧାନ, ନିରଞ୍ଜନ ନାୟକ, ରବି ସାହୁ, ଉମେଶ ସାହୁ, ମନୋରଞ୍ଜନ ପ୍ରଧାନ, ପ୍ରଭାତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପୋକ ସାଙ୍ଗକୁ ଦାଉସାଧୁଛି ବର୍ଷା

**ସାକ୍ଷୀଗୋପାଳ,୨୨।୩(ସ୍ୱ.ପ୍ର./ଡି.ଏନ୍.ଏ.)**

ଚିନ୍ତାରେ ସତ୍ୟବାଦୀ ଅଞ୍ଚଳର ଚାଷୀ। ରବି ଫସଲ ଅମଳର ଠିକ୍ ପୂର୍ବରୁ ବର୍ଷା ଓ ରୋଗପୋକ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି। ଚାଷୀ ବିଭିନ୍ନ ସୋସାଇଟି, ବ୍ୟାଙ୍କ, ହାତ ଋଣ କରି ତା’ ଚାଷ ଜମିରେ ପ୍ରଚୁର ଶ୍ରମ ଦେଇ ବିରି ଓ ମୁଗ ସହିତ ଅନ୍ୟାନ୍ୟ ପନିପରିବା ଚାଷ କରିଥିଲେ। ହେଲେ କିଛି ଦିନ ଲଗାତାର ବର୍ଷା ସହିତ କୋହଲା ପାଗ ଯୋଗୁ ବିରି ମୁଗରେ ପୋକ ଲାଗିବା ସହିତ ବିଲରେ ଶୁଖିଲା ଫସଲ ଗଜା ହେବାକୁ ବସିଲାଣି। ଏପଟେ ଆଉ ଏକ ପଶ୍ଚିମା ଝଡ଼ ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ଏନେଇ ପନିପରିବା ଚାଷୀଙ୍କ ମଧରେ ଛନକା ପଶିଲାଣି।



ପୋକ ଲାଗି ଜମିରେ ବିରିମୁଗ ଗଛ ନଷ୍ଟ ହୋଇଯାଇଛି।

ସତ୍ୟବାଦୀ ବ୍ଲକର ଶ୍ରୀରାମଚନ୍ଦ୍ରପୁର, ବିଦ୍ୟାଧରପୁର, ପରଜାପଡ଼ା, ନରେନ୍ଦ୍ରପୁର, ଅଳଗୁମ, ଶାଣ୍ଡରା, ରାୟଖଣ୍ଡି, ମହୁରା, କେତକିପାଟଣା

### ଚାଷୀ ମୁଣ୍ଡରେ ଚଡ଼କ

ପଞ୍ଚାୟତର ଶହ ଶହ ଏକର ଜମିରେ ବିରି ମୁଗ ଚାଷ କରିଛନ୍ତି ଚାଷୀ। ତେବେ ଧାରକରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ସ୍ଥାନୀୟ କୃଷି ବିଭାଗ ଚାଷୀଙ୍କ ଏହି ସମସ୍ୟାକୁ ତୁରନ୍ତ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ଏଥିସହ ବିଭାଗ ପକ୍ଷରୁ ତୁରନ୍ତ କୀଟନାଶକ ଓ ଅନ୍ୟ ସହାୟତା ଯୋଗାଇ ଦେବାକୁ ଚାଷୀ ଭୀମସେନ ସାହୁ, ଲକ୍ଷ୍ମୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋଲକ ପ୍ରଧାନ, ଚନ୍ଦ୍ରମଣି ଜେନା, ଯୁଧିଷ୍ଠିର ଓଝା, ନାରାୟଣ ରାଉତରାୟ ପ୍ରମୁଖ ଦାବି କରିଛନ୍ତି।

# ମେଳଣରୁ ସୃଷ୍ଟି ସଂସ୍କୃତି, ପରମ୍ପରା, ଭାଇଚାରା

**ଗୋପ,୨୨।୩(ଡି.ଏନ୍.ଏ.)**

ଦିନକୁଦିନ ଗ୍ରାମାଞ୍ଚଳରୁ ଓଡ଼ିଆ ଘରର ସଂସ୍କୃତି ଓ ପରମ୍ପରା ବିଲୁପ୍ତ ହୋଇଯାଉଛି। ବିଶେଷକରି ଗୋପ ମେଳଣ ଓ ଲୋକ ମହୋତ୍ସବରେ ଥିବା ପରମ୍ପରା ସଂସ୍କୃତି ସହିତ ଭାଇଚାରା ମଧ ବାଟବଣା ହେଉଛି। ଏହି ସଂସ୍କୃତି, ପରମ୍ପରା ସହିତ ଭାଇଚାରାକୁ ଗୋପର ସମସ୍ତ ପଞ୍ଚାୟତ, ଯୁବ ଗୋଷ୍ଠୀ ସହିତ ପ୍ରତ୍ୟେକ ପରିବାରକୁ ଯୋଡ଼ାଯିବା ସହ ଏହି ମହୋତ୍ସବ ଯେପରି ଆଗକୁ ଯାଇପାରିବ, ସେଥିପ୍ରତି ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି। ଲୋକ ମହୋତ୍ସବରେ ବୁଧବାର ମୁଖ୍ୟଅତିଥି ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ଥାନା ଅଧିକାରୀ ସୁନିଲ୍ ପ୍ରଧାନ, ଗୋପୀନାଥ କର, କେତନ ମିଶ୍ର, ପ୍ରଦୀପ୍ତ ମହାନ୍ତି, ରମାକାନ୍ତ ସାହୁ

### ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ପ୍ରମୁଖ ଯୋଗଦେଇ ସଂସ୍କୃତି ପରମ୍ପରା ଭାଇଚାରା ମେଳଣରୁ ସୃଷ୍ଟି ହୋଇଥିବା କହିଥିଲେ। ମେଳଣ କମିଟି ସଭାପତି ସତ୍ୟପ୍ରିୟ ନାୟକ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସମ୍ପାଦକ ନରେନ୍ଦ୍ର ଦାଶ, ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ତଥା ପରିଚାଳନା କମିଟି ସଭାପତି ପ୍ରକାଶଚନ୍ଦ୍ର ଖଟୋଇ ମେଳଣର ସଂସ୍କୃତି ପରମ୍ପରା ଭାଇଚାରା ଉପରେ ତାଙ୍କ କମିଟି ଗୁରୁତ୍ୱ ଦେଇ ଆସୁଥିବାବେଳେ ଅନ୍ୟମାନେ ମଧ ଅଧିକ ମାତ୍ରାରେ ସକ୍ରିୟ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ପ୍ରମୋଦ ମହାପାତ୍ର, ଗଣେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଆମ ସଂସ୍କୃତି ଆମ ଖେଳନା କର୍ମଶାଳା




ପିପିଲିର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲରେ ବୁଧବାର ଅନୁଷ୍ଠିତ ‘ଆମ ସଂସ୍କୃତି, ଆମ ଖେଳନା’ କର୍ମଶାଳାରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀ।

**ପିପିଲି,୨୨।୩-(ଡି.ଏନ୍.ଏ./ସ୍ୱ.ପ୍ର.)**

ସମଗ୍ର ଶିକ୍ଷା ଅଭିଯାନ, ପୁରୀଙ୍କ ନିର୍ଦ୍ଦେଶରେ ପିପିଲି ବ୍ଲକ ଗୋବିନ୍ଦପୁର କ୍ଲଷ୍ଟରର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲରେ ‘ଆମ ସଂସ୍କୃତି, ଆମ ଖେଳନା’ ନେଇ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସିଆର୍‌ସିସି ଚିନ୍ତାମଣି ଓଝା, ଗୋବିନ୍ଦପୁର ନୋଡାଲ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମଧୁଚ୍ଛନ୍ଦା ମିଶ୍ର ଏବଂ ହାଇସ୍କୁଲର ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ୧ମ ଶ୍ରେଣୀରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ କୁନି ପିଲାମାନଙ୍କୁ ଖେଳନା ମାଧମରେ ପାଠ ପଢାଇବାର ଯୋଜନା ଏହି କର୍ମଶାଳାର ଲକ୍ଷ୍ୟ। ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାକୁ ଆନନ୍ଦଦାୟକ, ଆଗ୍ରହପୂର୍ଣ୍ଣ କରିବା ସହ ପିଲାମାନେ କିପରି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେଥିପାଇଁ କମ ଦାମରେ ବା ବିନା ମୂଲ୍ୟରେ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ, ସେ ବିଷୟରେ ପ୍ରଶିକ୍ଷଣ କରାଯାଇଥିଲା। ପ୍ରଶିକ୍ଷକ ଭାବେ ପିଙ୍କି ମିଶ୍ର, ମୋନାଲିସା ରାଉତ, ଛେତ ଖୁଣ୍ଟିଆ, ମଙ୍ଗୁଳି ମୁଦୁଲି ଯୋଗଦେଇଥିଲେ। ସଂସ୍କୃତି ଓ ପରମ୍ପରାକୁ ନେଇ ଶୈକ୍ଷିକ ଖେଳନା ପ୍ରସ୍ତୁତି ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସଞ୍ଜୀବ ରଥ, ସୁମନ୍ତ ବେହେରା, ଉମେଶ ନାୟକ, କଲ୍ୟାଣୀ ପଟ୍ଟନାୟକ, ବାସନ୍ତି ତ୍ରିପାଠୀ, ସସ୍ମିତା ମିଶ୍ର, କବିତା ତ୍ରିପାଠୀ, ରାଜଲକ୍ଷ୍ମୀ ସାମନ୍ତରାୟ, ଲକ୍ଷ୍ମୀଧର ପ୍ରଧାନ, ଜୟଲକ୍ଷ୍ମୀ ସ୍ୱାଇଁ, ସନ୍ଧ୍ୟାରାଣୀ ପାତ୍ର, ସ୍ନିଗ୍ଧା ପ୍ରଧାନ, ବେବିରାଣୀ ବେହେରା, ମିନତୀ ଦାସଙ୍କ ସମେତ ୩୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଶାଳାରେ ଉପସ୍ଥିତ ଥିଲେ।

# ସେବା ଦ୍ୱାରା ବିଶ୍ୱକୁ ପ୍ରଭାବିତ କରିହେବ

**ପୁରୀ ଅଫିସ, ୨୨।୩**

ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା ଜାତୀୟ ସଂହତି ଶିବିରର ତୃତୀୟ ଦିବସ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ସ୍ୱୟଂ ସେବକଗଣ ଯୋଗ ପ୍ରାଣାୟମ ଅଭ୍ୟାସ କରିଥିଲେ। ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠର ବୈଦ୍ୟ ଚନ୍ଦ୍ର ଭୂଷଣ ପାଠକ ଜୀ ଓ ଗୋବର୍ଦ୍ଧନ ମଠର ସାଧୁଗଣମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱେଚ୍ଛାସେବୀମାନେ ସେବାର ଦିବ୍ୟ ଭାବ ଓ ଆଧାତ୍ମିକତା ଦ୍ୱାରା ବିଶ୍ୱକୁ ପ୍ରଭାବିତ କରିପାରିବେ ବୋଲି ଉଦ୍‌ବୋଧନ ଦେଇଥିଲେ। ସେହିପରି ମଧ୍ୟାହ୍ନ ଅଧିବେଶନରେ ସ୍ୱେଚ୍ଛାସେବୀଙ୍କ ମଧରେ ଗୀତ ଏବଂ ସାଧାରଣ ଜ୍ଞାନର ପ୍ରତିଯୋଗିତା ହୋଇଥିଲା। ଅପରାହ୍ନ ଅଧିବେଶନରେ କବି ଶିଶୁ ସାହିତ୍ୟିକ ସଙ୍ଗୀତଜ୍ଞ ଏବଂ ବଦ୍ରି ମିଶ୍ର ଜଗନ୍ନାଥ ସଂସ୍କୃତି ବିଷୟରେ ନିଜ ମତ ରଖିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗର ଚେୟାରମ୍ୟାନ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ପ୍ରଦୂଷଣ ମୁକ୍ତ ସ୍ୱଚ୍ଛ ପରିବେଶ ଓ ଚିନ୍ତନ ଦ୍ୱାରା ଭାରତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପ୍ରଚେଷ୍ଟାରେ ବିଶ୍ୱଗୁରୁ ହୋଇପାରିବ ବୋଲି କହିଥିଲେ। ସାନ୍ଧ୍ୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆତସବାଜି ପ୍ରଦର୍ଶନରେ ବାଇଧର ପ୍ରଥମ

**ଗୋପ,୨୨।୩(ଡି.ଏନ୍.ଏ.)**

ଗୋପରେ ପ୍ରତିବର୍ଷ ପରି ଚଳିତବର୍ଷ ମଙ୍ଗଳବାର ରାତି ୧୦ଟାରେ ଅନୁଷ୍ଠିତ ଆତସବାଜି ପ୍ରତିଯୋଗିତାରେ ଚାରିଛକର ବାଇଧର ନାୟକ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ଅଖଣ୍ଡଳେଶ୍ୱର ଆଞ୍ଚଳିକ ମଞ୍ଚ ପକ୍ଷରୁ ଗୋପ ସାଗର ସ୍ନାନ ମେଳଣ ଲାଗି ଆତସବାଜି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ପିପିଲି ଦାଣ୍ଡମୁକୁନ୍ଦପୁରର ବାଣୁଆ ଲକ୍ଷ୍ମୀଧର ବେହେରା, ଡେଲାଙ୍ଗ ବେନୁପଡା ଗ୍ରାମର ବାଣୁଆ ସୁଲୋଚନା ମଲ୍ଲିକ, ନିମାପଡ଼ା ଚାରିଛକର ବାଣୁଆ ବାଇଧର ନାୟକ ପ୍ରମୁଖ ଭାଗ ନେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, କସ୍ତୁରୀବାଳା ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଡେଲାଙ୍ଗ ବେନୁପଡାର ମଲ୍ଲିକ ଆତସବାଜି ପ୍ରଦର୍ଶନ କରିବା ପରେ ଅନ୍ୟମାନେ ପ୍ରଦର୍ଶନ କରିଥିଲେ। ୨୦୧୨ ମସିହାରେ ଏହି ମେଳଣରେ ଆତସବାଜି ପ୍ରଦର୍ଶନକୁ ଅଧିକ ଆକର୍ଷଣୀୟ କରିବାକୁ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଚେଷ୍ଟା କରି ସଫଳ ହୋଇଥିଲେ। ଉପସ୍ଥିତ ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ସାମାଜିକ କର୍ମୀ ସ୍ୱାଇଁଙ୍କୁ ଗଣଶିକ୍ଷାମନ୍ତ୍ରୀ ଦାଶ ସମ୍ମାନିତ କରିଥିଲେ। ୪/୫ ଘଣ୍ଟା ଧରି ଆତସବାଜି ପ୍ରତିଯୋଗିତାରେ ଆକାଶ ଆଲୋକମୟ ହୋଇଯାଇଥିଲା। ଆତସବାଜି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଚାରିଛକ ଅଞ୍ଚଳର ବାଣୁଆ ବାଇଧର ନାୟକଙ୍କୁ କମିଟି ପକ୍ଷରୁ ଏକ ଏସି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ, ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ମେଳଣ କମିଟି ପକ୍ଷରୁ ଅଖଣ୍ଡଳେଶ୍ୱର ଆଞ୍ଚଳିକ ମଞ୍ଚ ଓ ଗୋପର ମାଛ ବ୍ୟବସାୟୀ ସଙ୍ଘକୁ ଧନ୍ୟବାଦ ଦିଆଯାଇଥିଲା।

# ବିଶ୍ୱ ଜଳ ଦିବସ ପାଳିତ




ମରିଚିକୋଟ ଛକରେ ବିଭିନ୍ନ ସଂଗଠନ ପକ୍ଷରୁ ଜଳ ବଣ୍ଟନ ସହ ସଚେତନତା କରାଯାଉଛି।

**ପୁରୀ ଅଫିସ,୨୨।୩**

ମାର୍ଚ୍ଚ ୨୨ ତାରିଖ ବିଶ୍ୱ ଜଳ ଦିବସ ଅବସରରେ ମରିଚିକୋଟ ଛକଠାରେ ଛୋଟ ବଡ଼ ବ୍ୟବସାୟୀ, ଶ୍ରୀ ଜଗନ୍ନାଥଙ୍କୁ ସମର୍ପିତ ସେବା ଓ ବଡ଼ଦାଣ୍ଡ ସେବା ସଂଗଠନ ପକ୍ଷରୁ ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜଳର ମହତ୍ତ୍ୱ ବୁଝାଇବା ପାଇଁ ଲୋକତ୍ମାନଙ୍କୁ ଜଳ ସଚେତନତା ବାର୍ତ୍ତା ପ୍ରଦାନ କରାଯିବା ସହ ଜଳ ବଣ୍ଟନ ମଧ କରାଯାଇଥିଲା। ବଡ଼ଦାଣ୍ଡ ସେବା ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମନୋଜ ସାହୁ, ନାରାୟଣ ରାୟ ସିଂହ, ଜଗନ୍ନାଥ ପାଢୀ, ବାଳକୃଷ୍ଣ ମହାପାତ୍ର, ମଧୁ ପୃଷ୍ଟି, ଟି.ବାଲାଜୀ, ଭାସ୍କର ମହାନ୍ତି, କୁନି ସାହୁ, ସୁନୀଲ ମହାପାତ୍ର, ମଞ୍ଜୁଲତା ସାହୁ, ଚାନ୍ଦିନୀ ଦତ୍ତ ଏବଂ ସ୍ୱେଚ୍ଛାସେବୀ ବିପିନି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ବର୍ଷକରେ ସରିବ ମା’ ମଙ୍ଗଳା ପୀଠର ଉନ୍ନତୀକରଣ କାର୍ଯ୍ୟ

**କାକଟପୁର,୨୨।୩(ଡି.ଏନ୍.ଏ.)**

ପୁରୀ ଜିଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠର ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ଅନୁମୋଦନ କରିଥିଲେ। ସେନେଇ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସେବକଙ୍କ ସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆଲୋଚନା କରିଛନ୍ତି। ସେଥିରେ ଏହି ପ୍ରାଚୀନ ଶକ୍ତିପୀଠର ବିକାଶ ନିମନ୍ତେ ପ୍ରସ୍ତୁତ ମାଷ୍ଟରପ୍ଲାନରେ

### ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ମନ୍ଦିରରେ ଖାଣ୍ଡେଲାଇଟ ପଥର ବିଛା ଯିବା ସହିତ ମନ୍ଦିରର ରୋଷଘର ଓ ଜଳ ନିଷ୍କାସନ ବ୍ୟବସ୍ଥାର ସଂସ୍କାର କରାଯିବ। ଏହା ସହିତ ସେବାୟତ ଭବନ, ଭୋଗ ଦୋକାନ, ପ୍ରାଚୀ ନଦୀକୂଳରେ ମୁଣ୍ଡନ, ଚନ୍ଦନଘାଟର ବିକାଶ, ଗୋଷ୍ଠୀ ଶୌଚାଳୟ ଆଦିର ବିକାଶ କରାଯିବ। ପୀଠକୁ ଅଧିକ ଆକର୍ଷଣୀୟ କରାଯିବାକୁ କୋଣାର୍କ ପାର୍ଶ୍ୱ ରାସ୍ତାରେ ଐତିହ୍ୟ ଦ୍ୱାର ନିର୍ମାଣ କରାଯିବ ଏବଂ କୋଣାର୍କ ଆଡୁ ଆସୁଥିବା ଭକ୍ତଙ୍କ ପାଇଁ ପ୍ରବେଶ ପଥରେ ମା’ ମଙ୍ଗଳା ଗେଟ୍ ସହିତ ମେନ୍‌ଗେଟକୁ ପୁନରୁଦ୍ଧାର କରାଯିବ। ଯାତ୍ରୀଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ସହ ଆଲୋକୀକରଣ ଓ ବୃକ୍ଷରୋପଣ କରାଯିବା ସହିତ ପାର୍କିଂ ସ୍ଥଳର ମଧ ବିକାଶ କରାଯିବ। ଓଡ଼ିଶା ସେତୁ ନିର୍ମାଣ ନିଗମ ୧୨ ମାସ ମଧରେ ଏହିସବୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବ। ଗତ ଡିସେମ୍ବର ୨୪ରେ ୫-ଟି ସଚିବ ଭି. କେ. ପାଣ୍ଡିଆନ କାକଟପୁର ଆସି ମା’ ମଙ୍ଗଳା ମନ୍ଦିର ପରିଦର୍ଶନ କରି ପୀଠକୁ ଅଧିକ ସୁନ୍ଦର କରିବାକୁ ଉନ୍ନୟନମୂଳକ କାର୍ଯ୍ୟ ଦିଗରେ ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନ, ମା’ଙ୍କ ସେବକଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ। ମା’ଙ୍କ ସେବକ ପବିତ୍ର ମୋହନ ଦୀକ୍ଷିତ, ନରେଶ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ରଘୁନାଥ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, କମଳଲୋଚନ ଦୀକ୍ଷିତ, ପ୍ରଦୀପ ପଣ୍ଡା, ମାନସ ଦୀକ୍ଷିତ, ବିଡିଓ ତୁଷାର ଜ୍ୟୋତିରଞ୍ଜନ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସନାତନୀ ସମନ୍ୱୟ ସମିତି ପକ୍ଷରୁ ଶୋଭାଯାତ୍ରା

**ନିମାପଡ଼ା,୨୨।୩(ଡି.ଏନ୍.ଏ.)**

ଚୈତ୍ର ଶୁକ୍ଳ ପ୍ରତିପଦାର ପୁଣ୍ୟତିଥି ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ନିମାପଡ଼ାରେ ନବଗଠିତ ମିଳିତ ମଞ୍ଚ ସନାତନୀ ସମନ୍ୱୟ ସମିତି ଉତ୍କଳପ୍ରାନ୍ତ ନିମାପଡ଼ା ପକ୍ଷରୁ ବୁଧବାର ସ୍ଥାନୀୟ ଟାଉନହଲ୍‌ଠାରେ ଏକ ସ୍ୱତନ୍ତ୍ର ବୌଦ୍ଧିକ ଧାର୍ମିକ ସଭା, ଭକ୍ତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଧାର୍ମିକ ଅନୁଷ୍ଠାନର ପ୍ରମୁଖ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ସତ୍ୟ ନାରାୟଣ ମିଶ୍ର, ଉମାଶଙ୍କର ଆଚାର୍ଯ୍ୟ, ଭରତଚନ୍ଦ୍ର ସାହୁ, ପ୍ରଫୁଲ୍ଲ ପଣ୍ଡା, ଗଙ୍ଗାଧର ଓଝା, ପୁଲିନ ନାୟକ, ଭାଗୀରଥି ଓଝା, ଯୁଧିଷ୍ଠିର ନାୟକ ପ୍ରମୁଖ ଯୋଗଦେଇ ଏହି ସମାରୋହ, ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ୱଗୃହ ଦ୍ୱାରଦେଶରେ କଳସ ସ୍ଥାପନ, ଦୀପ ପ୍ରଜ୍ୱଳନ, ଶଙ୍ଖ ବାଦନ, ବିଭିନ୍ନ ମନ୍ଦିରରେ ସାମୂହିକ ଦୀପଦାନ, ହୋମଯଜ୍ଞ, ଗୋ-ମାତା ପୂଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିମାପଡ଼ାର ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ହିନ୍ଦୁ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ, ମାତୃ ସଙ୍ଗଠନ, ସ୍ୱେଚ୍ଛାସେବୀ, କର୍ମଜୀବୀ ସଙ୍ଗଠନର ପ୍ରାୟ ୫ଶହ ଶ୍ରଦ୍ଧାଳୁ ଏକ ବିଶାଳ ଧାର୍ମିକ ଶୋଭାଯାତ୍ରାରେ ପୁରୁଣା ବସ୍‌ଷ୍ଟାଣ୍ଡ, ନିକଟ ମହାବୀର ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରି ଟାଉନହଲ୍‌ସ୍ଥିତ ସଭାସ୍ଥଳ ନିକଟରେ ପହଞ୍ଚିଥିଲେ। ହୋମ ଯଜ୍ଞ, ଧାର୍ମିକ ସଭା, ଶୋଭାଯାତ୍ରା, ଶ୍ରଦ୍ଧାଳୁଙ୍କ ନାରା ଓ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା।




ସନାତନୀ ସମନ୍ୱୟ ସମିତି ଉତ୍କଳପ୍ରାନ୍ତ ନିମାପଡ଼ା ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

# ରାଷ୍ଟ୍ରୀୟ ନବବର୍ଷ ସୃଷ୍ଟି ରଚନାର ପ୍ରଥମ ଦିବସ

**ପୁରୀ ଅଫିସ ୨୨।୩**

ସୃଷ୍ଟିର ସର୍ବାଧିକ ପ୍ରାଚୀନ ଏବଂ ବୈଜ୍ଞାନିକ କାଳ ଗଣନା ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବବର୍ଷ ଭାବେ ପାଳନ କରାଯାଏ। ଯାହା ବେଦ ସମ୍ମତ ଅଟେ ବୋଲି ବିବେଚନା କରି ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବୁଧବାର ରାଷ୍ଟ୍ରୀୟ ନବ ବର୍ଷ ପାଳନ କରାଯାଇଛି। ପରିଷଦ ପକ୍ଷରୁ ଆୟୋଜିତ ଉତ୍ସବରେ କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ବୁଧଦେବ ମହାପାତ୍ର, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ ଆଲୋଚନା କରିଥିଲେ ଯେ, ବାସ୍ତବିକ ହିନ୍ଦୁ ରାତି ଅନ୍ଧାରରେ ନୁହେଁ, ସୂର୍ଯ୍ୟଙ୍କ ପ୍ରଥମ କିରଣକୁ ଅଭିବାଦନ କରି ନବବର୍ଷକୁ ସ୍ୱାଗତ କରିଥାନ୍ତି। ଅର୍ଥାତ ଏହି ଦିନଟି ସୃଷ୍ଟି ରଚନାର ପ୍ରଥମ ଦିବସ। ପ୍ରାୟ ୧୯୭ କୋଟି, ୮ ଲକ୍ଷ ବର୍ଷ ପୂର୍ବେ ଏହି ଦିନରେ ଅର୍ଥାତ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ସୂର୍ଯ୍ୟୋଦୟ ସମୟରେ ପରମପିତା ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟିରଚନାର ଅୟମାରମ୍ଭ ହୋଇଥିଲା। ସେହିପରି ଏହି ତିଥିଠାରୁ ସତ୍ୟଯୁଗର ଆରମ୍ଭ ହୋଇଥିଲା, ଶ୍ରୀରାମଚନ୍ଦ୍ରଙ୍କ ରାମରାଜ୍ୟ ପ୍ରତିଷ୍ଠା, ଧର୍ମରାଜ ଯୁଧିଷ୍ଠିର ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହିପରି ଏହିଦିନ ସମାଜ ସଂସ୍କାରକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା ହୋଇଥିଲା। ଏହି ତିଥିଠାରୁ ବାସନ୍ତିକ ନବରାତ୍ର ପ୍ରାରମ୍ଭ ହୋଇଥାଏ। ଏହିପରି ଭାବରେ ସନାତନ ହିନ୍ଦୁଧର୍ମର କାଳ ଗଣନା ଅନେକ ପ୍ରାଚୀନ ଓ ଶାସ୍ତ୍ର-ସମ୍ମତ ତଥା ବିଜ୍ଞାନ-ସମ୍ମତ ହୋଇଥିବାରୁ ଚୈତ୍ର ଶୁକ୍ଳ ପ୍ରତିପଦ ନବ ବର୍ଷ ପାଳନର ଗୁରୁତ୍ୱ ବହନ କରୁଛି ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରୀୟ ସଚିବ ସୁପ୍ରୀତି ରଥ, ପ୍ରାନ୍ତ ସଂଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ, ମୋନାଲିସା ପଟ୍ଟନାୟକ, ଜୟନ୍ତୀ ମହାପାତ୍ର, ସନ୍ତୋଷ ମହାନ୍ତି, ପିତାମ୍ବର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ନିମେଇଚରଣ ସାହୁ, ଗଣେଶ ମହାସୁଆର ପ୍ରମୁଖ ଯୋଗଦେଇଥିଲେ। ଆବାହକ ଶରତ ଜୟସିଂ ଧନ୍ୟବାଦ ଦେଇଥିଲେ।

## ମଧୁବନ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ




ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ଅବସରରେ ଛାତ୍ରୀମାନେ ଶୁଭେଚ୍ଛାପତ୍ର ପ୍ରସ୍ତୁତ କରିଛନ୍ତି।

**ପୁରୀ ଅଫିସ, ୨୨।୩**

ଚୈତ୍ର ଶୁକ୍ଳ ପ୍ରତିପଦା ବୁଧବାର ଅବସରରେ ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ୨୦୨୩ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସମ୍ପର୍କ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ମାତୃଭାରତୀ ସମ୍ପାଦିକା ସାଗରିକା ରଥ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ମାତୃଭାରତୀ ଯୁଗ୍ମ ସମ୍ପାଦିକା ସୁମିତ୍ରା ରଥ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ବିଷ୍ଣୁପ୍ରସାଦ ପାଣିଙ୍କ ଦ୍ୱାରା ଅତିଥିଙ୍କ ପରିଚୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପ୍ରଧାନ ଆଚାର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଆଜି ଦିନର ମହତ୍ତ୍ୱ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା କହିଥିଲେ, ଉକ୍ତ ଦିନ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ରଚନା, କାଳ ଗଣନା ଶ୍ରୀରାମଙ୍କ ରାଜ୍ୟାଭିଷେକ, ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ବିକ୍ରମାନନ୍ଦଙ୍କ ସିଂହାସନ ଆରୋହଣ, ବିକ୍ରମ ସମ୍ବତ ପ୍ରଚଳନ, ଆର୍ଯ୍ୟ ସମାଜ ପ୍ରତିଷ୍ଠା ସହ ବିଭିନ୍ନ ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଜନ୍ମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅଭିନନ୍ଦନ ପତ୍ର ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଆଚାର୍ଯ୍ୟା ମମତା ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

